# ରାସ୍ତାରେ ଗୋରୁ, ଟ୍ରାଫିକ୍ ଅବ୍ୟବସ୍ଥା

ବଲାଙ୍ଗୀର,୮।୮(ବୀରେନ୍ଦ୍ର କୁମାର ଝାଙ୍କର)




ବଲାଙ୍ଗୀର ସହର ୨୬ନମ୍ବର ଜାତୀୟ ରାଜପଥ ଲୋକନାଥ ମନ୍ଦିର ସମ୍ମୁଖରେ ବୁଲାଗୋରୁ।

ବଲାଙ୍ଗୀର ସହରର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦି ବୁଲା ଗୋରୁଙ୍କ ଆଡ୍ଡା ପାଲଟିଛି। ଯେଉଁ ରାସ୍ତାରେ ଲୋକେ ଯାଉଛନ୍ତି ଗୋରୁ ଓ ବୁଲା କୁକୁର ସହ ମୁହାଁମୁହିଁ ହେଉଛନ୍ତି। ବୁଲା ଗୋରୁ ଓ କୁକୁରଙ୍କ ପାଇଁ ବଲାଙ୍ଗୀର ସହରରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ବିଭିନ୍ନ ସ୍ଥାନରେ ଛୋଟବଡ ଦୁର୍ଘଟଣା ଘଟୁଛି। ଅନେକ ସମୟରେ ଏକାଧିକ ଗୋରୁ ରାସ୍ତା ଉପରେ ଶୋଇ ରହୁଛନ୍ତି। ଫଳରେ ଯାନବାହନ ଚଳାଚଳ ମଧ୍ୟ ପ୍ରଭାବିତ ହେଉଛି। ବୁଲା ଗୋରୁ ପାଇଁ ଅନେକ ସମୟ ଧରି ଯାନବାହନ ଅଟକି ରହୁଛି। ବଲାଙ୍ଗୀର ସହରର ଗାନ୍ଧୀନଗରପଡାଠାରୁ ୨୬ ନମ୍ବର ଜାତୀୟ ରାଜପଥ ତଥା ସହରର ମୁଖ୍ୟ ରାସ୍ତାରେ ଏକାଧିକ ଗୋରୁପଲ ଦେଖିବାକୁ ମିଳୁଛି। ସବୁଠୁ ବଡ଼ କଥା ହେଲା ରାତି ହେଉ କି ଦିନ ରାସ୍ତା ଉପରେ ଗୋରୁପଲ ବାନ୍ଧି ରହୁଛନ୍ତି। ଅନେକ ସମୟରେ ବଲାଙ୍ଗୀର ସହରର ବ୍ୟସ୍ତବହୁଳ ମୁଖ୍ୟରାସ୍ତା, ରେଲୱେ ଷ୍ଟେଶନ ରୋଡ, ଭିଭିଆଇ ରୋଡ ଭାବେ ପରିଚିତ ସର୍କିଟ ହାଉସ ରୋଡ, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ରାସ୍ତା, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ଜିଲାପାଳ ଅଫିସ ସମ୍ମୁଖ ରାସ୍ତାରେ ବି ଗୋରୁ ପଲ ବାନ୍ଧି ରହିବା ଦୃଶ୍ୟ ଦେଖାଯାଉଛି। ଗୋରୁ ଯୋଗୁ ଟ୍ରାଫିକ୍ ଅବ୍ୟବସ୍ଥା ଏବଂ ଦୁର୍ଘଟଣା ଘଟୁଥିଲେ ମଧ୍ୟ ବିଶେଷ କରି ମ୍ୟୁନିସିପାଲିଟି ଏବଂ ଟ୍ରାଫିକ୍ ପୋଲିସ କେହି କୌଣସି ପ୍ରତିକାର

## ଅନେକ ସମୟରେ ଘଟୁଛି ଦୁର୍ଘଟଣା

ବ୍ୟବସ୍ଥା କରୁନାହାନ୍ତି। ଗତ ପ୍ରାୟ ୧ ବର୍ଷ ତଳେ ବଲାଙ୍ଗୀର ଜିଲା ପ୍ରଶାସନ ଏବଂ ପୌର ପ୍ରଶାସନ ପକ୍ଷରୁ ବୁଲା ଗୋରୁ ସମସ୍ୟାର ସମାଧାନ ପାଇଁ କଠୋର ପଦକ୍ଷେପ ନିଆଯାଇଥିଲା। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଘୋଷଣା କରାଯାଇ ବୁଲା ଗୋରୁଙ୍କ ମାଲିକଙ୍କୁ ତାଗିଦ୍ କରାଯାଇଥିଲା। ଏହାପରେ ମଧ୍ୟ ଯେଉଁମାନେ ରାସ୍ତା ଉପରେ ଗୋରୁଙ୍କୁ ଛାଡିଥିଲେ ସେ ସମସ୍ତ ଗୋରୁଙ୍କୁ ପ୍ରଶାସନ ଗାଁର ଚାଷୀଙ୍କୁ ହସ୍ତାନ୍ତର କରିଦେଇଥିଲେ। ଏଭଳି ଚରମ ପଦକ୍ଷେପ ପରେ ସହରରେ ଗୋରୁ ସଂଖ୍ୟା କମିଯାଇଥିଲା। ଏହାର କିଛି ମାସ ପରେ ପୁଣି ସହରରେ ବୁଲା ଗୋରୁଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। କାଞ୍ଜି ହାଉସ ପାଇଁ ଲୋକେ ଦାବି କରୁଛନ୍ତି। ସହରରେ ଗୋଶାଳା ରହିଥିଲେ ମଧ୍ୟ ପର୍ଯ୍ୟାପ୍ତ ଭିତ୍ତିଭୂମି ନାହିଁ। ଏଭଳି ସମୟରେ ପୌର ପ୍ରଶାସନ କୌଣସି ବିହିତ ପଦକ୍ଷେପ ଗ୍ରହଣ କରୁନାହିଁ। ଫଳରେ ସହରର ରାସ୍ତାଘାଟ ଏବେ ବୁଲାଗୋରୁଙ୍କ ବାସସ୍ଥାନ ପାଲଟିଛି। ପ୍ରତିଦିନ ସହସ୍ରାଧିକ ଛାତ୍ରୀଛାତ୍ର, ମହିଳା, ବୃଦ୍ଧାବୃଦ୍ଧ, ଜରୁରୀକାଳୀନ ଆମ୍ବୁଲାନ୍ସ ରାସ୍ତାରେ ଯିବାଆସିବାବେଳେ ଗୋରୁପଲଙ୍କ ସମସ୍ୟା ଯୋଗୁଁ ଅଡୁଆ ପରିସ୍ଥିତିରେ ପଡୁଛନ୍ତି। ଅନେକ ସମୟରେ ବୁଲା ଗୋରୁ ଓ କୁକୁରଙ୍କ ଯୋଗୁଁ ଦୁର୍ଘଟଣାରେ ଲୋକେ ଆହତ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏଦିଗରେ ବିହିତ ପଦକ୍ଷେପ ନେବାକୁ ଲୋକେ ଦାବି କରୁଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ନର୍ଲା, ୮।୮(ସନ୍ତୋଷ ପାତ୍ର)

ବୁଧବାର ରାତିରେ ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ବୋଲେରୋ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୀଳାମ୍ବର ବାଗ (୪୫)। ସୂଚନାକ୍ରମେ ଶରିଆ ଗ୍ରାମର ପ୍ରମୋଦ କଲିଙ୍କ ବୋଲେରୋ (ଓଡ଼ି୦୮ଏଲ-୭୫୫୬)ରେ ନୀଳାମ୍ବର ବସି ଘରକୁ ଫେରୁଥିଲେ। ବାଟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥଲା। ଏଥିରେ ଗାଡି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ନେଇ ଗୁରୁବାର ଅଭିଯୋଗ ପରେ ପୋଲିସ ଚାଳକଙ୍କୁ ଥାନାରେ ଅଟକ ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାମପୁରକୁ ପଠାଇଛି।

### ବିଧାୟକଙ୍କ ମେଣ୍ଢାଟାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

କୋମନା,୮।୮(ସୋବିନ ଛତ୍ରିଆ)

ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଗୁରୁବାର କୋମନା ବ୍ଲକ ମେଣ୍ଢାଟାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଖେମଦାସ ବିଦ୍ୟାଳୟର ସମସ୍ୟା ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ମାଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବୁଝିବା ସହ ଲୋକଦୃଷ୍ଟି ଦାରା ପରିଚାଳିତ ଏଲ୍ଆର୍ସି କେନ୍ଦ୍ର ପରିଦର୍ଶନ କରିଥିଲେ। ବିଆର୍ସିସି ରାଧକାନ୍ତ ତାଣ୍ଡି, ଆକାଉଣ୍ଟାଣ୍ଟ ହେମନ୍ତ ପ୍ରଧାନ, ଦେବାଶିଷ ପରିଡ଼ା, ଲୋକଦୃଷ୍ଟି ପ୍ରୋଗ୍ରାମର ଭୁବନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବଡକଟା ସାଗରରୁ ମିଳିଲା ମୃତଦେହ

କେସିଙ୍ଗା,୮।୮(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ୭ନଂ. ୱାର୍ଡର ବୈବସ୍ୱତ ରଣାଙ୍କ ମୃତଦେହ ଗୁରୁବାର ବଡ଼କଟା ସାଗରରୁ ମିଳିଛି। ସୂଚନା ଅନୁସାରେ ବୁଧବାର ବୈବସ୍ୱତ ଓ ତାଙ୍କ ପୁଅ ଭକ୍ତି ରଣା ବଡ଼କଟା ସାଗରକୁ ମାଛ ଧରିବାକୁ ଯାଇଥିଲେ। ପୁଅ ଫେରିଥିବା ବେଳେ ବୈବସ୍ୱତ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଅଗ୍ନିଶମ ବିଭାଗ ଦିନସାରା ଖୋଜି ପାଇ ନ ଥିଲେ। ଗୁରୁବାର ପୁନଶ୍ଚ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରି ସନ୍ଧ୍ୟା ୫ଟାରେ ବୈବସ୍ୱତଙ୍କ ମୃତଦେହ ଠାବ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଅଜଣା ଯୁବକଙ୍କୁ ଉଦ୍ଧାର କଲେ ସାମାଜିକ କର୍ମୀ

ଲାଠୋର,୮।୮(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ସାମାଜିକ କର୍ମୀ ଶାନ୍ତନୁ ବେହେରା ଜଣେ ଅସୁସ୍ଥ ଅଜଣା ଯୁବକଙ୍କୁ ଜଙ୍ଗଲ ରାସ୍ତାରୁ ଉଦ୍ଧାର କରି ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଗୁରୁବାର ଆଣିଥିବା ଜଣାପଡିଛି। ପ୍ରାଥମିକ ଚିକିତ୍ସା ପରେ ସଂପୃକ୍ତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଉଚ୍ଚତର ଚିକିତ୍ସା ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ବୋଲି ଆୟୁଷ ଡାକ୍ତର ରାଜେଶ୍ୱରୀ ସାହୁ କହିଛନ୍ତି। ସାମାଜିକ କର୍ମୀ ଶାନ୍ତନୁ ବେହେରା ଗୁରୁବାର ସକାଳେ ବସୁ ଭଇଁସାଲ ନାମକ ଯୁବକଙ୍କୁ ସାଙ୍ଗରେ ନେଇ ବାଇକ୍ ଯୋଗେ କୌଣସି କାମରେ ବେଲପଡ଼ା ଯାଉଥିଲେ। ଯିବା ବେଳେ ବାଟରେ ରେଙ୍ଗାଲି ଏବଂ ବାଗଦୋର ଗ୍ରାମ ମଝି ଜଙ୍ଗଲ ରାସ୍ତାରେ ସଂପୃକ୍ତ ଯୁବକ ଜଣକ ଏକାକି ବୁଲୁଥିବା ଦେଖିଥିଲେ। କାମ ସାରି ଫେରିବା ବେଳେ ମଧ୍ୟ ସେହି ଯୁବକ ଜଣକ ସେହି ଜାଗାରେ ଅଚେତ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲେ। ଘଟଣା ସ୍ଥଳରୁ ଶାନ୍ତନୁ ନିଜ ସାନଭାଇ ସୁଶାନ୍ତ ବେହେରା ଏବଂ କାଶୀନାଥ ମେହେର ଓ ପ୍ରବୀଣ ଅଗ୍ରୱାଲଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇ ଯୁବକଙ୍କୁ ଉଦ୍ଧାର କରି ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଖବରପାଇ ତାଙ୍କ ପରିବାର ବର୍ଗ ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ନାମ ସୁଜିତ ପହରିଆ ଏବଂ ତାଙ୍କ ଘର ବେଲପଡ଼ା ଥାନା ଘଗରା, ସେ ଜଣେ ମାନସିକ ବିକୃତ ବୋଲି କହିଥିଲେ। ତାଙ୍କ ଚିକିତ୍ସା ଚାଲିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ଡ଼. ଅକ୍ଷୟ ଧରୁଆ କହିଛନ୍ତି।

# ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ




ବିଶ୍ୱ ସ୍ତନ୍ୟପାନ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଗୁଡଭେଲା,୮।୮(ମନୋଜ କୁମାର ଜୈନ)

ବଲାଙ୍ଗୀରର ସ୍ୱେଚ୍ଛାସେବୀ ସଙ୍ଗଠନ ମହାଶକ୍ତି ଫାଉଣ୍ଡେସନ ଓ ଏଲଟିଆଇ ମାଇଣ୍ଡ ଟ୍ରି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଗୁରୁବାର ଗୁଡ଼ଭେଲା ବ୍ଲକ ମହକୁମାଠାରେ ବିଶ୍ୱସ୍ତନ୍ୟପାନ ସପ୍ତାହ ୨୦୨୪ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଡଭେଲା ସିଡିପିଓ ବାସନ୍ତୀ ଜାନୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୁଡ଼ଭେଲା ପଞ୍ଚାୟତ ସରପଞ୍ଚ ସନ୍ତୋଷିନୀ ମହାପାତ୍ର ଏବଂ ମହାଶକ୍ତି ଫାଉଣ୍ଡେସନର ସ୍ୱାସ୍ଥ୍ୟ ପୁଷ୍ଟି ବିଶେଷଜ୍ଞ ପ୍ରଜ୍ଞାରାଣୀ ବାରିକ ଯୋଗଦେଇଥିଲେ। ଏଥିରେ ମିଶନ ଶକ୍ତି ମହିଳାମାନଙ୍କ ସହିତ ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ପରିଚାଳକ ଫିରୋଜ କୁମାର ଠାଠୀ ଉପସ୍ଥିତ ରହି ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମାମାନଙ୍କୁ ଜନ୍ମରୁ ୬ ମାସ ମା କ୍ଷୀର ଏବଂ ୬ ମାସ ପରେ ଅତିରିକ୍ତ ପୁଷ୍ଟିକର ଖାଦ୍ୟର ମହତ୍ତ୍ୱ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

# ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ସ୍ୱାଗତ ସମାରୋହକୁ ଉଚ୍ଚପ୍ରଶଂସା

ବଲାଙ୍ଗୀର,୮।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମହିଳା ମହାବିଦ୍ୟାଳୟରେ ଚଳିତବର୍ଷ ନାମ ଲେଖାଇଥିବା ଯୁକ୍ତଦୁଇ ଓ ଯୁକ୍ତତିନି ଶ୍ରେଣୀ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଗତ ୧ ତାରିଖ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ସ୍ୱାଗତ ସମାରୋହ ଅତ୍ୟନ୍ତ ପ୍ରେରଣାଦାୟୀ ଏବଂ ଭବ୍ୟ ହୋଇଥିବାରୁ ଏହାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ପ୍ରଶଂସା କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ପୋର୍ଟାଲ ଏକ୍ସରେ ଏନେଇ ବଲାଙ୍ଗୀର ମହିଳା ମହାବିଦ୍ୟାଳୟ ସ୍ୱାଗତ ସମାରୋହକୁ ଉଲ୍ଲେଖ କରାଯାଇ ପ୍ରଶଂସା କରାଯାଇଛି। ଛାତ୍ରୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦିଆଯାଇ ସେମାନେ ଏହି ସମାରୋହରୁ ନିଜର ଉଜ୍ଜ୍ୱଳଭବିଷ୍ୟତ ପାଇଁ ପ୍ରେରଣା ଲାଭ କରିବେ ବୋଲି ଉଲ୍ଲେଖ କରାଯାଇଛି। ସାମାଜିକ ପ୍ଲାଟଫର୍ମ ଏକ୍ସରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅପ୍‌ଲୋଡ କରାଯିବା ପରେ ଏହାକୁ ବହୁଳ ଭାବେ ଲୋକେ ଦେଖିଛନ୍ତି।



Higher Education Department @DHI · Aug 6 ···

The Government Women's College, Bolangir, extends a regal welcome to its #Students during the induction ceremony, embracing them with pride and bestowing upon them #wishes for a prosperous journey ahead.

#highereducation #inductionceremony #collegestudents



ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାମାଜିକ ପ୍ଲାଟଫର୍ମ ଏକ୍ସରେ ଅପ୍‌ଲୋଡ କରାଯାଇଛି।

ବଲାଙ୍ଗୀର ମହିଳା ମହାବିଦ୍ୟାଳୟର ଏହି ଭବ୍ୟ ସ୍ୱାଗତ ସମାରୋହକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଶଂସା କରାଯାଇଥିବାରୁ କଲେଜ ପକ୍ଷରୁ ଧନ୍ୟବାଦ ଜଣାଯାଇଛି।

# ଅସହାୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ

ନୂଆପଡ଼ା,୮।୮ (ମକାରୁ ବେମାଲ)

ସଦର ସିରତୋଳ ଲକ୍ଷ୍ମୀ ନଗରସ୍ଥିତ ମାନବଉତଥାନସେବାସମିତିଆଶ୍ରମର ଅଜପା ନନ୍ଦ ଜୀଙ୍କ ତତ୍ତ୍ୱାବଧାନରେ ସମିତିର କର୍ମକର୍ତ୍ତା ବିଭିନ୍ନ ବିଦ୍ୟାଳୟର ଅସହାୟ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି। ନୂଆପଡ଼ା ସଦର ବ୍ଲକ ଭୈଷାଦର୍ହା, ଖପରାପାରା, ସନବାହାଲି, ଫରଫୋଦ ପ୍ରାଥମିକ ବିଦ୍ୟାଳୟ ଓ ଶିରଗିଡି, ବ୍ରାହ୍ମଣୀ, ଗିଦନିପାନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋଟ ୩୧୫ ଛାତ୍ରୀଛାତ୍ରଙ୍କୁ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ସମିତି ଦିବ୍ୟାଙ୍ଗଙ୍କୁ ସହାୟତା, ପର୍ଯ୍ୟାବରଣ ସୁରକ୍ଷା ପାଇଁ ବୃକ୍ଷ ରୋପଣ, ବୃଦ୍ଧାଶ୍ରମରେ ଖାଦ୍ୟ ସାମଗ୍ରୀ ଓ ବସ୍ତ୍ର ପ୍ରଦାନ, ରାସ୍ତାଘାଟ ତଥା ପରିବେଶ ପରିଚ୍ଛନ୍ନତା ଆଦି ଉପରେ କାର୍ଯ୍ୟ କରିଆସୁଛି । ଏହି ସମୟରେ ଦୟା ପଟେଲ, ନନ୍ଦୁ ସାହୁ, ବିଶ୍ୱଜିତ ସାହୁ,ଜ୍ୟୋତ୍ସ୍ନାରାଣୀ ସାହୁ, କମଳେଶ୍ୱରୀ କେଉଟ, ଭାନୁ ରାମ କେଉଟ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ୧୦ରେ

ଟିଟିଲାଗଡ଼, ୮।୮(ଶରତ ମିଶ୍ର)

ଆସନ୍ତା ୧୦ ଏବଂ ୧୧ରେ ଟିଟିଲାଗଡ଼ଠାରେ ବିଶାଳ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବ। ଏନେଇ ଗୁରୁବାର ସ୍ଥାନୀୟ ଡିଏନ ରିସର୍ଟ ପରିସରରେ ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ରାଜସ୍ଥାନୀ ହେଲଥ ଫାଉଣ୍ଡେସନ, ରୋଟାରି କ୍ଲବ ଟିଟିଲାଗଡ଼, ରୋଟାରି କ୍ଲବ ଥାନେ ନର୍ଥ ଏଣ୍ଡଙ୍କ ମିଳିତ ଉଦ୍ୟମରେ ତଥା ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ ବରଗଡ଼, ସଞ୍ଜିବନୀ କ୍ୟାନସର ହସ୍‌ପିଟାଲ ରାୟପୁର ଏବଂ କେୟାର ହସ୍‌ପିଟାଲ ବିଶାଖାପାଟଣା ପକ୍ଷରୁ ଏହି ବିଶାଳ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆୟୋଜନ ହେବ। ଆସନ୍ତା ୧୦ ଏବଂ ୧୧ ଦୁଇ ଦିନ ଧରି ସ୍ଥାନୀୟ ଡିଏନରିସର୍ଟରେ ସକାଳ ୯ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷଣରେ ମୋଟ ୬ ହଜାର ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ପାଇଁ ଆୟୋଜକ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଖବରଦାତା ସମ୍ମିଳନୀରେ ପୂର୍ବତନ ରୋଟାରି ଡିଜି ଶିବରାଜ ସିଂ ଥାନେ ରୋଗ ମୁକ୍ତ ବଲାଙ୍ଗିର, ରୋଗୀ ମୁକ୍ତ ବଲାଙ୍ଗିର ଆମର ଲକ୍ଷ୍ୟ ବୋଲି କହିଛନ୍ତି। ରାଜସ୍ଥାନୀ ଫାଉଣ୍ଡେସନର ଅଧ୍ୟକ୍ଷ ଜଗଦିଶ ଶର୍ମା ବଲାଙ୍ଗିର ଜିଲାର ୨ ଲକ୍ଷ ୫୦ ହଜାର ଲୋକଙ୍କ ପାଖରେ କିଭଳି ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରିବ ସେ ନେଇ ତାଙ୍କ ପ୍ରଚେଷ୍ଟା ୩ ବର୍ଷ ପର୍ଯ୍ୟନ୍ତ ଜାରି ରହିବ । ଜିଲାର ବିଭିନ୍ନ ସ୍ଥାନରେ ନିୟମିତ ଶିବିର ଆୟୋଜନ ସହ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ପ୍ରଦାନ, ରୋଗ ମୁକ୍ତ ଶରୀର ପାଇଁ ସଚେତନ କରାଯିବ ବୋଲି କହିଥିଲେ।

# ଜୁନାଗଡ଼ ଏନ୍ଏସିରେ ଅନାସ୍ଥା ଭୋଟ ଆଜି

## ଅଧ୍ୟକ୍ଷଙ୍କ ପାଇଁ ଅଗ୍ନି ପରୀକ୍ଷା

ଭବାନୀପାଟଣା,୮।୮ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ଏନ୍ଏସିରେ ଶୁକ୍ରବାର ଅନାସ୍ଥା ଭୋଟ ଗ୍ରହଣ ହେବ। ବିଜେଡିର ୯ କାଉନସିଲର ଓ ଉପାଧ୍ୟକ୍ଷା ଅଧ୍ୟକ୍ଷଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣି ଗତ ଜୁଲାଇ ୧୬ରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ। ଜିଲାପାଳଙ୍କ ପତ୍ର ଅନୁଯାୟୀ ଗତ ୧ ତାରିଖରେ ଏନ୍ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ବିରୋଧରେ ଅନାସ୍ଥା ଭୋଟ ଗ୍ରହଣ କରାଯିବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର ସ୍ୱାସ୍ଥ୍ୟଗତ କାରଣରୁ ନ ଆସିବାରୁ ଏହା ସ୍ଥଗିତ ରହିଥିଲା। ପୁଣି ଥରେ ବିଜେଡି ୯ କାଉନସିଲର ଓ ଉପାଧ୍ୟକ୍ଷା ଜିଲାପାଳଙ୍କୁ ଜଣାଇବା ପରେ ଜିଲାପାଳ ୯ ତାରିଖରେ ଅନାସ୍ଥା ଭୋଟ ଗ୍ରହଣ ହେବା ନେଇ ତାରିଖ ଘୋଷଣା କରିଥିଲେ। ଏନ୍ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କ ପାଇଁ ଏହା ଅଗ୍ନି ପରୀକ୍ଷା ହୋଇଛି। କାରଣ ଜୁନାଗଡ଼ ଏନ୍ଏସିର ମୋଟ କାଉନସିଲରଙ୍କ ସଂଖ୍ୟା ୧୨ ଥିବା ବେଳେ ସେମାନଙ୍କ ଭିତରୁ ବିଜେଡିର ୧୦ ଓ ଭାଜପାର ୨ କାଉନସିଲର ରହିଛନ୍ତି। ବିଜେଡି କାଉନସିଲରଙ୍କ ସଂଖ୍ୟା ଅଧିକ ରହିଥିବାରୁ ସିଧାସଳଖ ନିର୍ବାଚିତ ହୋଇଥିବା ମୁକେଶଙ୍କ ବିପକ୍ଷରେ ଭୋଟ ଯିବା ଆଶଙ୍କା ରହିଛି।

# ଜ୍ଞାନବିଜ୍ଞାନ ମେଳା: ୮୨ ପ୍ରକଳ୍ପ ପ୍ରଦର୍ଶନ

ସଇଁତଲା,୮।୮(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତର ବଡ଼ମାଳଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ପରିଚାଳନା ସମିତିର ସମ୍ପାଦକ ତଥା ସଇଁତଲା ଓକିଲ ସଂଘ ସମ୍ପାଦକ ଫିରୋଜ କୁମାର ବର୍ଗତି, ସହ-ସମ୍ପାଦିକା ବବିତା ସାହୁ, ବିଦ୍ୱତ ପରିଷଦ ଅଧ୍ୟକ୍ଷ ହରେକୃଷ୍ଣ ବର୍ଗତି ଏବଂ ଗୋକୁଳାନନ୍ଦ ବର୍ଗତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକା, ପ୍ରାକ ଶିଶୁ ବର୍ଗ, ଶିଶୁ ବର୍ଗ, ବାଳବର୍ଗ ଏବଂ କିଶୋର ବର୍ଗରେ ମୋଟ ୧୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୮୨ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଜିତେନ୍ଦ୍ରିୟ ସାହୁ ପରିଚାଳନା କରିଥିଲେ। ଆଚାର୍ଯ୍ୟ ଚୁଡ଼ାମଣୀ ମହାଲିଙ୍ଗ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଆଚାର୍ଯ୍ୟା ଜୁଲି ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ।



ଜ୍ଞାନବିଜ୍ଞାନ ମେଳାକୁ ବୁଲି ଦେଖୁଛନ୍ତି ଅତିଥି।

# କେନ୍ଦୁମୁଣ୍ଡି ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି

## ୭ଦିନରେ ଜଣେ ମୃତ, ୨୧ରୁ ଅଧିକ ଆକ୍ରାନ୍ତ

ପାଟଣାଗଡ଼,୮।୮(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ କେନ୍ଦୁମୁଣ୍ଡି ପଞ୍ଚାୟତ ଦର୍ପଣ ସାଗରପଡା (ଝାଙ୍କର ପଡା)ରେ ସାତ ଦିନ ହେଲା ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଚିକିତ୍ସାଧୀନ ଅବସ୍ଥାରେ ଜଣକର ଜୀବନ ଯାଇଥିବାବେଳେ ୨୧ ରୁ ଅଧିକ ଆକ୍ରାନ୍ତ ଅଛନ୍ତି। ମୃତକ ଜଣକ ହେଲେ ପଦ୍ମାବତୀ ଧରୁଆ (୪୯)। ଗାଁରେ ଝାଡାବାନ୍ତିର ସ୍ଥିତି ଉଦ୍‌ବେଗଜନକ ହେଉଥିବାବେଳେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୋବାଇଲ ୟୁନିଟ ଟିମ୍ ଡ଼. ଅଶୋକ ମହାକୁଡ଼ ଓ ଫର୍ମାସିଷ୍ଟ ମନୋଜ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗ୍ରାମରେ ପହଞ୍ଚି ଚିକିତ୍ସା ଜାରିରଖିଛନ୍ତି। ପ୍ରାଥମିକ ତଦନ୍ତରୁ ପିଇବା ପାଣିର ସମସ୍ୟାକୁ ନେଇ ଗାଁରେ ଝାଡାବାନ୍ତି ବ୍ୟାପୁଥିବା ମୋବାଇଲ ୟୁନିଟ ଟିମଙ୍କଠାରୁ ଜଣାପଡିଛି। ଅପରପକ୍ଷରେ ଦଶ ଜଣ ଆକ୍ରାନ୍ତ ହୋଇ ପାଟଣାଗଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ତୁଲେଶ୍ୱରୀ ନାଗ, ସୁବର୍ଣ୍ଣା ନାଗ, କସ୍ତୁରୀ ଭୁଏ, ସୁମତି ମାଝୀ, ଲଭଲି ପାତ୍ର, କାଠ ବେହେରା, କ୍ଷୀରସିନ୍ଧୁ ସାହୁ, ଗୀତାଞ୍ଜଳି ସାହୁ, ରତ୍ନମଣୀ ସାହୁ, ରାଜୁ ସାହୁ। କେନ୍ଦୁମୁଣ୍ଡି ଗାଁ ଚାରିଟି ୱାର୍ଡକୁ ନେଇ ଗଠିତ ହୋଇଥିବାବେଳେ ଲୋକସଂଖ୍ୟା ହାରାହାରି ୧୯୦୦ରୁ ଅଧିକ। ଏହି ଗ୍ରାମରେ



ଝାଡାବାନ୍ତି ବ୍ୟାପୁଥିବା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଲୋକଙ୍କୁ ଭେଟୁଛନ୍ତି।

ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଦ୍ୱାରା ୧୫ ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇ ରହିଛି। ଗାଁରେ ଥିବା ୧୨ଟି ନଳକୂପ ମଧ୍ୟରୁ ଦୁଇଟି ନଳକୂପର ପାଣି ପିଇବା ଉପଯୋଗୀ ନୁହେଁ। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ଗାଁକୁ ଜଳ ଯୋଗାଣ ବନ୍ଦ ହେବା ପରେ ଲୋକେ ନଳକୂପ ଓ କୂଅରୁ ପାଣି ବ୍ୟବହାର କରିବାକୁ ବାଧ ହୋଇଛନ୍ତି। ଫଳରେ ଗାଁରେ ଝାଡାବାନ୍ତି ବ୍ୟାପୁଥିବା ମୋବାଇଲ ୟୁନିଟ ଟିମ୍ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଗତ ରବିବାର ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ସନ୍ଧ୍ୟା ସମୟରେ ଆମ୍ବୁଲାନ୍ସ ଯୋଗେ ପଦ୍ମାବତୀକୁ ପାଟଣାଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରାତ୍ରି ପାଖାପାଖି ୯ଟା ସମୟରେ ପଦ୍ମାବତୀଙ୍କ ମୃତ୍ୟୁ ହୋଇଥିବା ପରିବାରବର୍ଗଙ୍କଠାରୁ ଜଣାପଡିଛି। ଅପରପକ୍ଷରେ ଫାର୍ମାସିଷ୍ଟ ମନୋଜ ଆଚାର୍ଯ୍ୟ ଘଟଣା ସମ୍ପର୍କରେ ପାଟଣାଗଡ଼ ବିଡିଓଙ୍କୁ ଅବଗତ କରାଇବା ପରେ ଜଳ ଯୋଗାଣ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚି ନଳକୂପଗୁଡିକ ବିଶୋଧନ କରୁଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଯକ୍ଷ୍ମା ନିରାକରଣ ପାଇଁ ସଚେତନା କାର୍ଯ୍ୟକ୍ରମ



ପାଇକମାଲ,୮।୮(ବଡ ଶତପଥୀ): ବରଗଡ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ମିଠାପାଲି ଅଙ୍ଗନୱାଡି କେନ୍ଦ୍ରରେ ଯକ୍ଷ୍ମା ନିରାକରଣ ସହ ଟିବି ହାରିବ ଓ ଦେଶ ଜିତିବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଏଚଓ ପ୍ରେମ ଚାନ୍ଦ ନାୟକଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ କିପରି ଯକ୍ଷ୍ମା ନିରାକରଣ ଓ ଟିବି ହାରିବ ଦେଶ ଜିତିବ ସଚେତନା କରିଥିଲେ। ଏହାର ନିରାକରଣ ଓ ସଚେତନା ସହ ଔଷଧ ନିୟମିତ ସେବନ କରିବା ପାଇଁ କହିଥିଲେ। ମିଠାପାଲି ଗାଁରେ ପରିକ୍ରମା କରି ଘରକୁ ଘର ଯାଇ ବୁଝାଇଥିଲେ। ଏହାଦ୍ୱାରା ମିଠାପାଲି ଗ୍ରାମପଞ୍ଚାୟତ ଡୁଙ୍ଗୁରିପାଲି, କଟଙ୍ଗପାଲି ବୁରୁରାଖମା, ବିକ୍ରମନଗର, ଲଉଡମାଳ, ମାନଭଙ୍ଗ ଆଦି ଗ୍ରାମରେ ସଚେତନା କରି ବୁଝାଇଥିଲେ।

### ୩୬ ଛାତ୍ରୀଙ୍କୁ ଛତା ପ୍ରଦାନ

ପଦ୍ମପୁର,୮।୮(ପ୍ରଦୀପ୍ତ ଦାଶ): ବରଗଡ଼ ଜିଲା ପଦ୍ମପୁର ଶ୍ରୀଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଶୀତଳ ଷଷ୍ଠୀ କମିଟି ପକ୍ଷରୁ ଶୀତଳଷଷ୍ଠୀ ଉତ୍ସବ ପାଳନ ନିମନ୍ତେ ସଂଗୃହୀତ ଅର୍ଥରାଶିରୁ କିଛି ସମାଜସେବାରେ ପ୍ରତିବର୍ଷ ଖର୍ଚ୍ଚ କରିବା ପାଇଁ କମିଟି ସର୍ବସମ୍ମତିରେ ମତପ୍ରକାଶ ପାଇଥିଲା। ସେହି ଅନୁସାରେ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଜୋସ୍ନାରାଣୀ ସାହୁ, ଶିକ୍ଷକ ମାନସ ରଞ୍ଜନ ଶତପଥିଙ୍କ ଉପସ୍ଥିତିରେ ୩୬ଜଣ ଛାତ୍ରୀଙ୍କୁ ଛତା ବଣ୍ଟଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୀତଳଷଷ୍ଠୀ କମିଟି ସଭାପତି ପ୍ରିତମ କୁମାର ମେହେର, ସମ୍ପାଦକ ବିଜୟ କୁମାର ସାହୁ, ଆବାହକ ସନ୍ତୋଷ କୁମାର ମହାନ୍ତି, ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସହସମ୍ପାଦକ ପ୍ରଶାନ୍ତ ସାହୁ, ମନୋଜ କୁମାର ମହାନ୍ତି, କୋଷାଧକ୍ଷ ନରସିଂହ ଅଗ୍ରୱାଲ, ୨ ଉପସଭାପତି ଦିଲୀପ ବାରିକ, ମଣ୍ଟୁ ମହାନ୍ତି, କେଦାର ସାହୁ, ମନ୍ଦିର ପୂଜକ ଟଙ୍କଧର ମହାପାତ୍ରଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ରହିଥିଲେ।

### ୨ ବାନ୍ଧଶିଳ୍ପୀଙ୍କୁ ମିଳିଲା ସନ୍ଥ କବୀର ଆୱାର୍ଡ଼

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ): ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବୁଧବାର ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ବରଗଡ଼ ଜିଲାର ୨ବାନ୍ଧଶିଳ୍ପୀ ବରଗଡ଼ ନିବାସୀ ରାମକୃଷ୍ଣ ମେହେର ଏବଂ ଅତାବିରା ବ୍ଲକ ଝିଲିମିଣ୍ଡା ନିବାସୀ ହରିଲାଲ ମେହେରଙ୍କୁ ବୁଧବାର ସନ୍ଥ କବୀର ଆୱାର୍ଡ ପ୍ରଦାନ କରାଯାଇଛି। ରାଷ୍ଟ୍ରୀୟ ଏକତା ଶାଢ଼ି ପ୍ରସ୍ତୁତ ପାଇଁ ରାମକୃଷ୍ଣ ଏବଂ ସପିପାର୍ ଦଶଫୁଲିଆ ଶାଢ଼ି ପ୍ରସ୍ତୁତ ପାଇଁ ହରିଲାଲଙ୍କୁ ଏହି ଆୱାର୍ଡ ମିଳିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆୟୋଜିତ ସମାରୋହରେ ଉଭୟଙ୍କୁ ଉକ୍ତ ଆୱାର୍ଡ ପ୍ରଦାନ କରାଯାଇଥିଲା। ଉପରାଷ୍ଟ୍ରପତି ଜଗଦୀଶ ଧନକର ଉଭୟ ବାନ୍ଧଶିଳ୍ପୀଙ୍କୁ ଏହି ଆୱାର୍ଡ ପ୍ରଦାନ କରିଥିଲେ।

# ଏବେ ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଳି

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

**ନକଲି ଶିକ୍ଷକ ନିଯୁକ୍ତି ନେଇ ଯାଞ୍ଚ ପ୍ରକ୍ରିୟା**
- ପ୍ରଧାନ ଶିକ୍ଷକମାନଙ୍କୁ ଚିଠି ଲେଖିଲେ ଡିଇଓ
- ୭ଦିନ ମଧ୍ୟରେ ପ୍ରମାଣପତ୍ର ଦାଖଲ ନିର୍ଦ୍ଦେଶ





ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ।



DISTRICT EDUCATION OFFICE, BARGARH
No. 7210 // Dated 07/08/2024
Email: deobargarh03@gmail.com Phone: 06646-246788

To
The all Headmasters of Govt./Govt-Aided/New GIA High School under Bargarh District.

Sub:- Regarding authentication of Certificates of Teachers.

Sir/Madam,

With reference to the above subject, I am to request you to supply the academic and training certificates of all the teaching staff of your school for verification of their genuineness. The Xerox sets of all certificates should be attested with full signature by the teachers concerns and it should be reached to this office within 7 days in both hard copy and soft copy in format attached.

This is for your information and necessary action.

Yours faithfully
District Education Officer
Bargarh

Memo No. 7211 dt 07/08/2024
Copy to all Block Education officers of Bargarh district for information and necessary action.
District Education Officer
Bargarh

Memo No. 7212 dt 07/08/2024
Copy submitted to Collector and District Magistrate, Bargarh for favour of kind information.
District Education Officer
Bargarh

Memo No. 7213 dt 07/08/2024
Copy submitted to the Director, Secondary Education Odisha, Bhubaneswar for favour of kind information.
District Education Officer
Bargarh

ଡିଇଓଙ୍କ ଚିଠିର ନକଲ।

ବରଗଡ଼ ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ଚର୍ଚ୍ଚା ଥମିବାର ନାଁ ନେଉନି। ଦିନକୁ ଦିନ ଏହି ପ୍ରସଙ୍ଗ ନେଇ ନୂଆକଥା ସାମ୍ନାକୁ ଆସୁଛି। ସେହିପରି ଜିଲା ଶିକ୍ଷା ବିଭାଗ ମଧ୍ୟ ତତ୍ପର ହୋଇପଡ଼ିଛି। ଜିଲାରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଶିକ୍ଷାଗତ, ଡିଗ୍ରୀ ଏବଂ ଅନ୍ୟ ଉଦ୍ଦିଷ୍ଟ ପ୍ରମାଣପତ୍ର ଯାଞ୍ଚ କାର୍ଯ୍ୟକୁ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପ୍ରମାଣପତ୍ରଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ସରିନାହିଁ। ଅନ୍ୟପଟେ ଜିଲା ଶିକ୍ଷା ବିଭାଗ ଜିଲାରେ ରହିଥିବା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲଗୁଡ଼ିକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଶିକ୍ଷାଗତ, ଡିଗ୍ରୀ ତଥା ଉଦ୍ଦିଷ୍ଟ ପ୍ରମାଣପତ୍ର ଯାଞ୍ଚ କରିବା ପାଇଁ ପଦକ୍ଷେପ ଆରମ୍ଭ କରିଛି। ଏହି କ୍ରମରେ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ପତ୍ରସଂଖ୍ୟା-୭୨୧୦ ତା-୦୭।୦୮।୨୦୨୪ରିଖରେ ହାଇସ୍କୁଲ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସେଭଳି ପ୍ରମାଣପତ୍ରର ଉଭୟ ସଫ୍ଟକପି ଏବଂ ହାର୍ଡ଼କପି ଦାଖଲ ପାଇଁ ସମସ୍ତ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚିଠି ପ୍ରକାଶ ପାଇବାର ୭ଦିନ ମଧ୍ୟରେ ତାହା ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ(ଡିଇଓ)ଙ୍କ ନିର୍ଦ୍ଦେଶ ରହିଛି।

ତେବେ ଜିଲାରେ ଏଭଳି ଯାଞ୍ଚ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବରୁ ଅନେକଥର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିଯୁକ୍ତିପତ୍ରଠାରୁ ଆରମ୍ଭ କରି ଶିକ୍ଷାଗତ, ଡିଗ୍ରୀ ଆଦି ପ୍ରମାଣପତ୍ର ଯାଞ୍ଚ କରାଯାଇଛି। ହେଲେ ତାହା ସେଭଳି ଯାଞ୍ଚରେ ହିଁ ସୀମିତ ରହିଯାଉଛି। କାଁ ଭାଁ ଅଳ୍ପ କେତେକ ସ୍ଥଳେ ଲୋକ ଦେଖାଣିଆ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଏବଂ ଅଧିକାଂଶ ସ୍ଥାନରେ ସେଭଳି ଜାଲିଆତିକୁ ଚାପି ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ଉଠିବା ପରେ ଗତ କିଛିଦିନ ହେଲା ନକଲି ଶିକ୍ଷକ ନିଯୁକ୍ତିକୁ ନେଇ ଜିଲା ଉଠୁଛି ଓ ପଡୁଛି। ତେବେ ଚିରାଚରିତ ଢ଼ଙ୍ଗରେ ଯାଞ୍ଚ ପ୍ରକ୍ରିୟା କିଛିଦିନ ଚାଲିବା ଏବଂ ପରେ ଏଥିପ୍ରତି ଆଖିବୁଜି ବିଭାଗୀୟସ୍ତରରେ ନୀରବତା ଅବଲମ୍ବନ ଯୋଗୁ ନକଲି ଶିକ୍ଷକ ନିଯୁକ୍ତି ତାତି ପୁଣି ପରିଲକ୍ଷିତ ହୋଇଥାଏ। ବର୍ତ୍ତମାନ ଜିଲାରେ ସେଭଳି ସ୍ଥିତି ଉପୁଜିଛି। ଜିଲାର ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ଭାବନା ସାହୁଙ୍କ ଯାଞ୍ଚ ପରେ ଗତ କିଛିଦିନ ତଳେ ୨ଜଣ ନକଲି ଶିକ୍ଷକ ଧରାପଡ଼ିବା ପରେ ଜିଲାରେ ନକଲି ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ ପୁଣି ଉଠିଛି। ତେବେ ଯାଞ୍ଚ ପ୍ରକ୍ରିୟାରେ ଅମ୍ବାଭୋନା ବ୍ଲକ ଶିକ୍ଷା ଅଧିକାରୀ ସାହୁ ଯେଭଳି ଆଗ୍ରହ ପ୍ରକାଶ କରି ପଦକ୍ଷେପ ନେଲେ, ଅନେକ କ୍ଷେତ୍ରରେ ଜିଲାର ଅନ୍ୟ ବ୍ଲକ ଶିକ୍ଷା ଅଧିକାରୀ ତଥା ଯାଞ୍ଚ ଅଧିକାରୀ ସେଭଳି ଆଗ୍ରହ ପ୍ରକାଶ କରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ସେମାନଙ୍କ ଇଚ୍ଛାଶକ୍ତି ଅଭାବରୁ ଯାଞ୍ଚ ପ୍ରକ୍ରିୟାରେ ଅନେକ ନକଲି ଶିକ୍ଷୟିତ୍ରୀ, ଶିକ୍ଷକ ଖସି ଯାଉଛନ୍ତି ବୋଲି ସାଧାରଣରେ ଆଲୋଚିତ ହେଉଛି। ଏହାସତ୍ତ୍ୱେ ସିଆରସିସି, ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀ ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ହାତରେ ଯାଞ୍ଚ ପ୍ରକ୍ରିୟା ନ୍ୟସ୍ତ କରି ଦିଆଯାଉଛି। ସେହିପରି ଜିଲାରେ ନକଲି ଶିକ୍ଷକ ନିଯୁକ୍ତିକୁ ନେଇ ଯେଭଳି ତାତି ବଢ଼ି ଚାଲିଛି, କେବଳ ଶିକ୍ଷୟିତ୍ରୀ, ଶିକ୍ଷକ ନୁହେଁ, ସିଆରସିସିଙ୍କଠାରୁ ଆରମ୍ଭ କରି ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କ ମଧ୍ୟ ପ୍ରମାଣପତ୍ର ଯାଞ୍ଚ କରିବାର ଆବଶ୍ୟକତା ରହିଛି। ମାତ୍ର ତାହା କରାଯାଉ ନ ଥିବା ଯୋଗୁ ଅନ୍ୟଥର ଭଳି ଏଥର ମଧ୍ୟ ଯାଞ୍ଚପ୍ରକ୍ରିୟା ଦିଗହରା ହୋଇ ପଡ଼ିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଫଳରେ ଉଚ୍ଚ ପଦାଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରି ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସାଧାରଣରେ ଦାବି ହୋଇଛି।

# ମୃତଦେହ ଜବତ, ହତ୍ୟା ସନ୍ଦେହ

ଅତାବିରା,୮।୮(ହୃଷିକେଶ ଖମାରୀ)



ମୃତ ଶ୍ରମିକଙ୍କ କୁନିଝିଅ ବାପାଙ୍କ ଫେରିବା ବାଟକୁ ଚାହିଁ ବସିଛି।

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ କୁଲିତାଟୁକୁରା ଛକର ଅନତିଦୂର କେନାଲରୁ ଗୁରୁବାର ଜଣେ ଶ୍ରମିକଙ୍କ ମୃତଦେହ ଜବତ କରାଯାଇଛି। ମୃତକ କଳାହାଣ୍ଡି ଜିଲା ଚପରଖଶା ଗ୍ରାମର ମୂଳ ବାସିନ୍ଦା ହୋଇଥିବାବେଳେ ତଥା ବର୍ତ୍ତମାନ କୁଲିତାଟୁକୁରା ରାଧାପଡ଼ାରେ ରହୁଥିବା ସ୍ୱର୍ଗତ କନିଷ୍ଠ ଗହୀରଙ୍କ ପୁଅ ବିଦେଶୀ(୪୫)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ସହିତ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଛନ୍ତି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି।

ପ୍ରକାଶ ଯେ, ବିଦେଶୀ ଅନ୍ୟଦିନ ଭଳି ବୁଧବାର ସକାଳେ କାମକୁ ଯାଇଥିଲେ। କାମ ସାରିବା ପରେ ସନ୍ଧ୍ୟାରେ ଝିଅ ପାଇଁ ପକୁଡ଼ି ଆଣି ଘରକୁ ଫେରିଥିଲେ। କିଛି ସମୟ ଘରେ ରହିବା ପରେ ସେ ପୁଣି ବାହାରକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ଅନ୍ୟପଟେ କୁଲିତାଟୁକୁରା ଛକ ନିକଟ କେନାଲରେ ତାଙ୍କ ମୃତଦେହ ଭାସୁଥିବା ଦେଖି ପରିବାର ଲୋକେ ମୃତଦେହ ଚିହ୍ନଟ କରିଥିବାବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଦେଖିବାକୁ ମିଳିଥିଲା। ତେବେ ବୁଧବାର ବିଳମ୍ବିତ ରାତିରେ ଏକ ଢ଼ାବାରେ ଶ୍ରମିକ ବିଦେଶୀ ଏବଂ କିଛିଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ସାଧାରଣରେ ଆଲୋଚିତ ହେଉଛି। ଏହି ଗଣ୍ଡଗୋଳ ହତ୍ୟାକାଣ୍ଡ ରୂପ ନେଇ ଥାଇପାରେ ବୋଲି ଚର୍ଚ୍ଚା ଚାଲିଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି। ସେହିପରି ୨ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଥିବା ସୂଚନା ମିଳିଛି। ଅପରପକ୍ଷେ ବିଦେଶୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

# ଉପଯୁକ୍ତ ତଦନ୍ତ, ଦୋଷୀଙ୍କୁ ଦଣ୍ଡ ଦେବା ନେଇ ଧାରଣା





ପଦ୍ମପୁର ଥାନା ସମ୍ମୁଖରେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଉଛି।

ପଦ୍ମପୁର,୮।୮(ପ୍ରଦୀପ୍ତ ଦାଶ)

**ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା**

ବରଗଡ଼ ଜିଲା ପଦ୍ମପୁରସ୍ଥିତ ସରକାରୀ ଅନ୍ୱେଷା ହଷ୍ଟେଲରେ ରହି ଘରୋଇ ସ୍କୁଲରେ ପାଠ ପଢୁଥିବା ନବମ ଶ୍ରେଣୀ ଛାତ୍ର ମେଲଛାମୁଣ୍ଡା ଥାନା ଝାଙ୍କରପାଲି ଗ୍ରାମର ପ୍ରିନ୍ସ କୁମ୍ଭାର(୧୪)ଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାର ଉପଯୁକ୍ତ ତଦନ୍ତ ଏବଂ ଦୋଷୀଙ୍କୁ ଦଣ୍ଡ ଦେବା ଦାବି ନେଇ ଗୁରୁବାର ପଦ୍ମପୁର ଥାନା ସମ୍ମୁଖରେ ଧାରଣା ଦିଆଯାଇଛି। ଅତିଶୀଘ୍ର ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଆମ୍ବେଦକର ୱେରିୟର ପ୍ରତିଷ୍ଠାତା ଜୟ ଜାଲ, ଏଲ୍ଡିଏ ଲବ ସୁନା ଓ ଭୀମ ଆର୍ମିର ବିହାରୀ ଛତରଙ୍କ ନେତୃତ୍ୱରେ ପଦ୍ମପୁରରେ ଆନ୍ଦୋଳନ କରାଯାଇଥିଲା। ଗତ ୩୦ ତାରିଖ ରାତ୍ରିରେ ପ୍ରିନ୍ସ କୁମ୍ଭାର ହଷ୍ଟେଲ ବାଥ୍‌ରୁମ୍‌ର ଗୋଟିଏ ଲୁହା ରଡ଼ରେ ଗାମୁଛାରେ ଝୁଲି ଆତ୍ମହତ୍ୟା କରିଥିଲେ ବୋଲି ସୁପରିଣ୍ଟେଣ୍ଡେଣ୍ଟ ପର୍ଶୁରାମ ଧାରୁଆ ପ୍ରକାଶ କରିଥିଲେ। କିନ୍ତୁ ତାଙ୍କ ପରିବାର ପକ୍ଷରୁ ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ହତ୍ୟା ବୋଲି ସନ୍ଦେହ କରି ଏହାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ପଦ୍ମପୁର ପୋଲିସ ପାଖରେ ଦାବି କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଭୀମ ଆର୍ମି, ଆମ୍ବେଦକର ୱେରିୟର ଓ ଏଲ୍ଡିଏ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆନ୍ଦୋଳନ କରାଯାଇଥିଲା। ହାଇସ୍କୁଲ ପଡିଆରୁ ଏକ ପଦୁଆରରେ ବାହାରି ପଦ୍ମପୁର ଥାନା ସମ୍ମୁଖରେ ଗଣଧାରଣା ଦେଇଥିଲେ।





ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବୁଧବାର ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ପକ୍ଷରୁ ସନ୍ଥ କବୀର ଆୱାର୍ଡ ପ୍ରଦାନ କରାଯାଉଛି। ଏହିକ୍ରମରେ ଉପରାଷ୍ଟ୍ରପତି ଜଗଦୀଶ ଧନକରଙ୍କଠାରୁ ବାନ୍ଧଶିଳ୍ପୀ ରାମକୃଷ୍ଣ ମେହେର ଏବଂ ବାନ୍ଧଶିଳ୍ପୀ ହରିଲାଲ ମେହେର ଆୱାର୍ଡ ଗ୍ରହଣ କରୁଛନ୍ତି।

### ବଡକଟା ସାଗରରୁ ମିଳିଲା ମୃତଦେହ

କେସିଙ୍ଗା,୮।୮(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ୭ନଂ. ୱାର୍ଡର ବୈବସୁତ ରଣାଙ୍କ ମୃତଦେହ ଗୁରୁବାର ବଡ଼କଟା ସାଗରରୁ ମିଳିଛି। ସୂଚନା ଅନୁସାରେ ବୁଧବାର ବୈବସୁତ ଓ ତାଙ୍କ ପୁଅ ଭକ୍ତି ରଣା ବଡ଼କଟା ସାଗରକୁ ମାଛ ଧରିବାକୁ ଯାଇଥିଲେ। ପୁଅ ଫେରିଥିବା ବେଳେ ବୈବସୁତ ପାଣିରେ ବୁଡି ଯାଇଥିଲେ। ସ୍ଥାନୀୟ ଅଗ୍ନିଶମ ବିଭାଗ ଦିନସାରା ଖୋଜି ପାଇ ନ ଥିଲେ। ଗୁରୁବାର ପୁନଶ୍ଚ ଅଗ୍ନିଶମ ବିଭାଗ କର୍ମଚାରୀ ଖୋଜାଖୋଜି କରି ସନ୍ଧ୍ୟା ୫ଟାରେ ବୈବସୁତଙ୍କ ମୃତଦେହ ଠାବ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା





ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବରଗଡ଼ର ସାମାଜିକ ଅନୁଷ୍ଠାନ ଜନ କଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ବିଦ୍ୟାଳୟର ନବମ, ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣଜ୍ଞାନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଜନ କଲ୍ୟାଣ ସେବା ଟ୍ରଷ୍ଟର ପ୍ରତିଷ୍ଠାତା ମୁକୁନ୍ଦ ଦାଶ, ପରିବେଶବିତ୍ ସଞ୍ଜୟ ଖମାରୀ, ସଦସ୍ୟ ବୃନ୍ଦାବନ ବେହେରା, ସୌଦାମିନୀ ବନଛୋର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ, ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ୩୫ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଆସନ୍ତା ସ୍ୱାଧୀନତା ଦିବସ ପାଳନରେ ପୁରସ୍କୃତ କରାଯିବ ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ଦାଶ ସୂଚନା ଦେଇଛନ୍ତି। ତେଜରାମ ସା, ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ଅଙ୍କିତ ମହନ୍ତ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଅନୀତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରତିଶ୍ରୁତି ମିଳିଲା, ୨୨ଦିନ ପରେ ଅନଶନରୁ ଉଠିଲେ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)





ତହସିଲଦାରଙ୍କ ଉପସ୍ଥିତିରେ ଅନଶନ ଭଙ୍ଗ କରାଯାଉଛି।

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୪ ନିବାସୀ ପଦ୍ମିନୀ ସେଠ ଘରଡ଼ିହ ପଟ୍ଟା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ତେବେ ଗୁରୁବାର ଭଟଲି ତହସିଲଦାର ଜି. ରଶ୍ମିରେଖା ତାଙ୍କ ପାଖକୁ ପହଞ୍ଚିଥିଲେ ଏବଂ ଆସନ୍ତା ସପ୍ତାହକ ମଧ୍ୟରେ ତାଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଦୀର୍ଘ ୨୨ଦିନର ଅନଶନରୁ ପଦ୍ମିନୀ ଉଠିଥିଲେ। ପଦ୍ମିନୀଙ୍କୁ ନଡ଼ିଆ ପାଣି ପିଆଇ ଅନଶନ ଭଙ୍ଗ କରାଯାଇଥିଲା। ପ୍ରକାଶଥାଉ କି, ଘରଡ଼ିହ ପଟ୍ଟା ପ୍ରଦାନ ପାଇଁ ପଦ୍ମିନୀ ବାରମ୍ବାର ଜିଲା ପ୍ରଶାସନକୁ ଫେରାଦ ହୋଇ ଆସୁଥିଲେ। ତେବେ ତାଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ ବଦଳରେ ବିଭାଗୀୟ ଅଧିକାରୀମାନେ ଗୋଟିଏ ଅଫିସରୁ ଅନ୍ୟ ଅଫିସକୁ ପଠାଇ ସମୟ ଗଡ଼ାଇ ଚାଲିଥିଲେ ବୋଲି ପଦ୍ମିନୀ ଅଭିଯୋଗ କରିଥିଲେ। ଘରଡ଼ିହ ପଟ୍ଟା ପ୍ରଦାନ ଦିଗରେ ତାଙ୍କୁ ସେଭଳି ହଟହଟା କରାଯିବା ପ୍ରତିବାଦରେ ଗତ ୨୨ଦିନ ତଳୁ ପଦ୍ମିନୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ

ବରଗଡ଼,୮।୮(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଭାଜପା କାର୍ଯ୍ୟାଳୟରେ ପଶ୍ଚିମ ଓଡ଼ିଶାସ୍ତରୀୟ ଦଳୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଳର ଜିଲା କାର୍ଯ୍ୟକାରୀ ସଭାପତି ଡା. ଅରୂପାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଶ୍ଚିମ ଓଡ଼ିଶାର ୧୧ଜିଲାର ଦଳୀୟ ସାଙ୍ଗଠନିକ ପ୍ରତିନିଧିମାନେ ଯୋଗଦେଇଥିଲେ। ଛତିଶଗଡ଼ ବିଧାୟିକା ତଥା ଦଳର ଓଡ଼ିଶା ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନରେ ହେବାକୁ ଥିବା ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଏହା ସହିତ ଓଡ଼ିଶାରେ ଭାଜପା ସରକାର ଗଠନ କରିଥିବାରୁ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ପ୍ରଶଂସା କରିଥିଲେ ଏବଂ ଆହୁରି ପରିଶ୍ରମ କରିବା ପାଇଁ ଆହ୍ୱାନ କରିଥିଲେ। ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା, ଭଟଲି ବିଧାୟକ ଇରାଶିଷ୍ ଆଚାର୍ଯ୍ୟ, ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ, ଦେବେନ୍ଦ୍ର ମହାପାତ୍ର, ଗୋବର୍ଦ୍ଧନ ଭୁଏ, ଦିବ୍ୟଜ୍ୟୋତି ମୁଣ୍ଡଙ୍କ ସମେତ ପଶ୍ଚିମ ଓଡ଼ିଶାର ୧୧ଜିଲା ସଭାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଲେ। ବରଗଡ଼ ଜିଲା ସାଧାରଣ ସମ୍ପାଦକ ରବିନାରାୟଣ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦଳର ଜିଲା ଉପସଭାପତି ପ୍ରବୀଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।





ବୈଠକରେ ଭାଜପା କାର୍ଯ୍ୟକର୍ତ୍ତାବୃନ୍ଦ।

# ପରିତ୍ୟକ୍ତ ଅବସ୍ଥାରେ ମିନି ପାର୍କ

- ଉଦ୍‌ଘାଟନ ପରଠୁ କେହି ଯାଉନାହାନ୍ତି
- ଲଟାବୁଦାରେ ଭର୍ତ୍ତି କ୍ରୀଡ଼ା ସାମଗ୍ରୀ, ବ୍ୟାୟାମ ଉପକରଣ

ପଦ୍ମପୁର,୮।୮(ପ୍ରଦୀପ୍ତ ଦାଶ)







ଘାସବୁଦାରେ ଭର୍ତ୍ତି ପଦ୍ମପୁରର ମିନି ପାର୍କ।

ବରଗଡ଼ ଜିଲା ପଦ୍ମପୁର ଏନ୍ଏସି ୧୧ନମ୍ବର ୱାର୍ଡର ମହିଳା ମହାବିଦ୍ୟାଳୟ ପଛ ପାର୍ଶ୍ୱରେ ନିର୍ମିତ ହୋଇଛି ମିନି ପାର୍କ। ମୁକ୍ତା ଯୋଜନାରେ ୯ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଗତ ଫେବୃୟାରୀ ୨୦୨୨ରେ ନିର୍ମାଣ ସରିଥିବା ଏହି ପାର୍କ ଯିବାପାଇଁ ଭଲ ରାସ୍ତା ନ ଥିବା ବେଳେ ଏକ ସଂକିର୍ଣ୍ଣ ରାସ୍ତା ରହିଛି। ତେବେ ଏହି ସ୍ଥାନ ନିଛାଟିଆ ରହୁଥିବାରୁ ଶିଶୁ ତ ଆସିବା ଦୂରର କଥା ବୟସ୍କ ମଧ୍ୟ ଆସୁନାହାନ୍ତି। ପାର୍କ ଭିତରର ପେଭର ବ୍ଲକ ରାସ୍ତା ଦବିଯିବା ସହିତ ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି। ଏହି ପାର୍କ ଭିତରେ ଶିଶୁଙ୍କ ପାଇଁ ବିଭିନ୍ନ ଉପକରଣ ଖଞ୍ଜା ଯିବା ସହିତ ବିଭିନ୍ନ ବ୍ୟାୟାମ ଉପକରଣ ରହିଛି। ମାତ୍ର ତାହା ବ୍ୟବହାର ନ ହୋଇ ନଷ୍ଟ ହେବାରେ ଲାଗିଛି। ପାର୍କ ଭିତର ଲଟାବୁଦାରେ ଭର୍ତ୍ତି ହୋଇଛି। ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ଏହି ପାର୍କର ନିର୍ମାଣ ଉଦ୍ଦେଶ୍ୟ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁକ୍ତା ଯୋଜନାରେ ସରକାର ସହର ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷାଧିକ ଟଙ୍କାର ଅନୁଦାନ ଦେଇଥିଲେ। ମାତ୍ର ରାଜନୈତିକ ଓ ପ୍ରଶାସନିକସ୍ତରରେ ଦୂରଦୃଷ୍ଟି ଅଭାବ ସହିତ ଅର୍ଥ ଲାଳସା ଯୋଗୁ ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ। ଏପରି କି ସହରର ବିଭିନ୍ନ ସ୍ଥାନରେ ଏକାଧିକ ପାର୍କ ନିର୍ମାଣ ହୋଇଛି। ମାତ୍ର ତାହା ବ୍ୟବହାର ଉପଯୋଗୀ ହୋଇ ପାରୁନାହିଁ। ଖୁବଶୀଘ୍ର ଏହି ପାର୍କ ସଫାସୁତୁରା କରିବା ସହିତ ବ୍ୟବହାର ଉପଯୋଗୀ କରିବା ପାଇଁ ସହରବାସୀ ମତ ଦେଇଛନ୍ତି।

## ସଂକ୍ଷେପରେ

### ଅନଲାଇନ୍ ପେମେଣ୍ଟରେ ଠକେଇ, ଯୁବକ ଗିରଫ

ରାଉରକେଲା,୮।୮(ସଙ୍ଗୀତା ଜେନା): ରଘୁନାଥପାଲୀ ଥାନା ଅନ୍ତର୍ଗତ ଏକ ହୋଟେଲରେ ଜଣେ ଗ୍ରାହକ ଖାଦ୍ୟ ଖାଇବା ପରେ ବିଲ୍ ବାବଦକୁ ଅନଲାଇନ୍ ପେମେଣ୍ଟ କରିଥିଲେ। ହେଲେ ଏହା ସମ୍ପୃକ୍ତ ଦୋକାନୀଙ୍କ ଆକାଉଣ୍ଟରେ ପହଞ୍ଚି ନ ଥିଲା। ଏହାକୁ କେନ୍ଦ୍ର କରି ଗୁରୁବାର ପୁଣି ଗ୍ରାହକ ଜଣଙ୍କ ଦୋକାନକୁ ଆସିବା ପରେ ଦୋକାନୀ ତାଙ୍କୁ ଧରି ଥାନା ଜିମା ଦେଇଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩୭୯/୨୪) ରୁଜୁ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଙ୍ଗାଧରପାଲୀର ନରେନ ଦାସ। ସୂଚନା ଅନୁଯାୟୀ, ନରେନ ବୁଧବାର ରାଉରକେଲା ସରକାରୀ ଡାକ୍ତରଖାନା ନିକଟରେ ଥିବା ହୋଟେଲ ଆଦର୍ଶକୁ ଖାଇବାକୁ ଯାଇଥିଲେ। ସେଠାରେ ଖାଇବା ବିଲ୍ ୮ଶହ ଟଙ୍କା ହୋଇଥିଲା। ସେ ଦୋକାନୀଙ୍କୁ ଅନଲାଇନ୍‌ରେ ୧୮ଶହ ଟଙ୍କା ପେମେଣ୍ଟ କରି ଅତିରିକ୍ତ ୧ ହଜାର ଟଙ୍କା ଦୋକାନୀଙ୍କ ଠାରୁ ନେଇଥିଲେ। ପରେ ଦୋକାନୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାରୁ ୧୮ଶହ ଟଙ୍କା ଆସି ନ ଥିବା ଜାଣିବାକୁ ପାଇଥିଲେ। ଗୁରୁବାର ପୂର୍ବାହ୍ନରେ ନରେନ ଆସି ପୁଣି ଖାଇବା ଅର୍ଡର କଲାବେଳେ ଦୋକାନୀ ଅମର ଘଡେଇ ତାଙ୍କୁ ଥାନା ଜିମା ଦେଇଥିଲେ।

### ଗ୍ରାମବାସୀଙ୍କ ବିରୋଧ ଯୋଗୁ ବନ୍ଦ ରହିଲା ପଲ୍ଲିସଭା

ରାଉରକେଲା,୮।୮(ସଙ୍ଗୀତା ଜେନା): ବିଶ୍ରା ବ୍ଲକ କପାଟମୁଣ୍ଡା ପଞ୍ଚାୟତର ବାରାହାବାଂଶରେ ଗୁରୁବାର ହେବାକୁ ଥିବା ପଲ୍ଲୀସଭାକୁ ଗ୍ରାମବାସୀଙ୍କ ବିରୋଧ ଯୋଗୁ ସ୍ଥଗିତ ରଖାଯାଇଛି। ପୂର୍ବରୁ ଧାର୍ଯ୍ୟ ହୋଇଥିବା ଉକ୍ତ ସଭା ପାଇଁ ରେଲୱେ ପ୍ରଶାସନର କିଛି ଅଧିକାରୀଙ୍କ ସମେତ ପୋଲିସ ଅଧିକାରୀ ସଭାସ୍ଥଳରେ ସମୟ ଅନୁଯାୟୀ ପହଞ୍ଚିଥିଲେ। ମାତ୍ର ବିଡ଼ିଓ ଜଗନ୍ନାଥ ହନୁମାନ ସଭାସ୍ଥଳରେ ପହଞ୍ଚି ସୂଚନା ଦେଇଥିଲେ, କପାଟମୁଣ୍ଡା ପଞ୍ଚାୟତ ସରପଞ୍ଚ ମୋତିଲାଲ ଲାକ୍ରା ଲିଖିତ ପତ୍ର ଦେଇ ଉକ୍ତ ପଲ୍ଲୀ ସଭା ସ୍ଥଗିତ ରଖିବାକୁ ଆବେଦନ କରିଛନ୍ତି। ଏଥିପାଇଁ ପଲ୍ଲୀସଭାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ପରେ ସଭା ସ୍ଥଳରେ ଥିବା ରେଲୱେ ଅଧିକାରୀ, ପୋଲିସ ଓ ଅନ୍ୟମାନେ ଫେରିଯାଇଥିଲେ।

ସୂଚନାଯୋଗ୍ୟ, ସ୍ଥାନୀୟ ଲୋକେ ରେଳଲାଇନ୍ କାର୍ଯ୍ୟ ପାଇଁ କ୍ଷତିପୂରଣ ଦାବି କରିଆସୁଛନ୍ତି। ଏ ନେଇ ବିଭିନ୍ନ ସମୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। କପାଟମୁଣ୍ଡା ପଞ୍ଚାୟତ ଅଞ୍ଚଳର ବହୁ ଲୋକ ଏହି ପଲ୍ଲୀସଭାକୁ ବିରୋଧ କରୁଛନ୍ତି। ଗ୍ରାମବାସୀ କହିବା ଅନୁସାରେ, କପାଟମୁଣ୍ଡାରେ ଚାଲିଥିବା ରେଳଲାଇନ୍ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ଜମିବିବାଦ ପାଇଁ ଜିଲା ପ୍ରଶାସନ ଦ୍ୱାରା ପଲ୍ଲୀସଭାର ଆୟୋଜନ କରାଯାଇଥିଲା। ପୂର୍ବରୁ ହୋଇଥିବା ପଲ୍ଲୀସଭାରେ ବିବାଦକୁ ନେଇ ନିଆଯାଇଥିବା ନିଷ୍ପତ୍ତି ଗୁଡ଼ିକ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଏଭଳି ପରିସ୍ଥିତିରେ ସେହି ସମାନ ଜମି ପ୍ରସଙ୍ଗରେ ପୁଣି ପଲ୍ଲୀସଭା ଆୟୋଜନ କରିବା ଅନୁଚିତ ବୋଲି ଗ୍ରାମବାସୀ କହିଥିଲେ। ପଲ୍ଲୀସଭା ପୂର୍ବରୁ ଏକ ବୈଠକ ଆୟୋଜନ କରି ସେଥିରେ ସମସ୍ୟା ସମାଧାନ କରିବା ପାଇଁ ଏହି ପ୍ରସଙ୍ଗରେ ସେମାନେ ଜିଲାପାଳଙ୍କୁ ଚିଠିରେ ପ୍ରସ୍ତାବ ଦେଇଥିବା କହିଛନ୍ତି।

# ଛାତରୁ ଝରୁଛି ପାଣି, ମିଳୁନି ସୁବିଧା

ରାଉରକେଲା,୮।୮(ଦିନେଶ ମିଶ୍ର)

**ଉଦିତନଗର ଭେଣ୍ଡିଂ ଜୋନ୍ ମାର୍କେଟ କମ୍ପ୍ଲେକ୍ସ**

**ଦୋକାନ ସ୍ଥିତି ସମୀକ୍ଷା ପରେ ପଦକ୍ଷେପ ନିଆଯିବ: ଆରଏମ୍‌ସି କମିଶନର**

ସାମାନ୍ୟ ବର୍ଷା ହେଲେ ଭେଣ୍ଡିଂଜୋନ ଦୋକାନ ଛାତରୁ ପାଣି ଝରୁଛି। ଏଭଳି ଦୃଶ୍ୟ ଉଦିତନଗର ସ୍ଥିତ ଭେଣ୍ଡିଂ ଜୋନ ମାର୍କେଟ କମ୍ପ୍ଲେକ୍ସରେ ଦେଖିବାକୁ ମିଳିଛି। ଏହି ଭେଣ୍ଡିଂ ଜୋନ ମାର୍କେଟ ଛାତରୁ ଖାଲି ଯେ ପାଣି ଝରୁଛି ତାହା ନୁହଁ ବରଂ ସମ୍ପୂର୍ଣ୍ଣ ମାର୍କେଟ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି।

ରାଉରକେଲା ସହରରେ ରାସ୍ତାକଡ଼ ଠେଲା ଓ ଉଠାଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ଆରଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ଉଦିତନଗର ସ୍ଥିତ ଭେଣ୍ଡିଂ ଜୋନ ୨୦୧୫ରେ ନିର୍ମାଣ କରାଯାଇଥିଲା। ଏହି ଭେଣ୍ଡିଂ ଜୋନରେ ସମୁଦାୟ ୮୬ଟି ଦୋକାନ ନିର୍ମାଣ କରାଯାଇ ଉକ୍ତ ଅଞ୍ଚଳ ରାସ୍ତାକଡ ବ୍ୟବସାୟୀମାନଙ୍କୁ ପ୍ରଦାନ କରାଯାଇଥିଲା। ଦୋକାନ ଖଣ୍ଡେ ପାଇବା ପାଇଁ ଜଣେ ରାସ୍ତାକଡ ବ୍ୟବସାୟୀ ଆରଏମ୍‌ସିକୁ ୯ଶହ ସ୍କୋୟାର ଫୁଟ ଦୋକାନ ବାବଦକୁ ୧ଲକ୍ଷ ୨୦ ହଜାର ଟଙ୍କା ଓ ୬ଶହ ସ୍କୋୟାର ଫୁଟ୍ ଲାଗି ୬୦ ହଜାର ଟଙ୍କା ସିକ୍ୟୁରିଟି ପ୍ରଦାନ କରିଥିଲେ।



ଉଦିତନଗର ଭେଣ୍ଡିଂ ଜୋନ୍‌ରେ ଥିବା ଦୋକାନ।

ଏଥିସହ ଦୋକାନୀମାନଙ୍କୁ ଠାରୁ ପ୍ରତ୍ୟେକ ମାସରେ ୯ ଶହ ବର୍ଗଫିଟ୍ ଦୋକାନ ପାଇଁ ୯୫୦ ଟଙ୍କା ଓ ଛୋଟ ଦୋକାନ ପାଇଁ ୪୭୫ ଟଙ୍କା ଭଡା ଆକାରରେ ଆରଏମ୍‌ସି ନେଉଛି। ପ୍ରତ୍ୟେକ ବର୍ଷ ଆରଏମ୍‌ସି ଏହି ମାର୍କେଟ କମ୍ପ୍ଲେକ୍ସରୁ ଲକ୍ଷାଧିକ ଟଙ୍କା ଭଡା ଆଦାୟ କରୁଥିଲେ ମଧ୍ୟ କୌଣସି ମୌଳିକ ସୁବିଧା ଯୋଗାଇ ଦେଇ ନ ଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏହି ମାର୍କେଟର ଦୋକାନୀମାନେ ଆରଏମ୍‌ସିକୁ ଏତେ ଟଙ୍କା ଭଡା ଦେବା ପରେ ମଧ୍ୟ ବ୍ୟବସାୟୀ ନିଜ ହାତରୁ ବିଦ୍ୟୁତ ବିଲ ପୈଠ କରିବା ସହ ଦୋକାନର ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ନିଜେ ବହନ କରୁଛନ୍ତି। ଆରଏମ୍‌ସି ପକ୍ଷରୁ ଏହି ଭେଣ୍ଡିଂ ଜୋନରେ କୌଣସି ସ୍ୱତନ୍ତ୍ର ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ଫଳରେ ଦୋକାନୀମାନେ ନିଜ ଦୋକାନ ସମ୍ମୁଖରେ ଅଳିଆଆବର୍ଜନା ପକାଉଛନ୍ତି।

ସେହିପରି କୌଣସି ଦୋକାନକୁ ପାଣିପାଇପ୍ ସଂଯୋଗ କରାଯାଇନାହିଁ। ଫଳରେ ବ୍ୟବସାୟୀମାନେ ଉଦିତନଗର ଥାନା ନିକଟ ପାଣିଷ୍ଟାଣ୍ଡ ନଚେତ ନିକଟସ୍ଥ ନଳକୂପରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଏହି ଭେଣ୍ଡିଂ ଜୋନକୁ ଗ୍ରାହକ ଆସିଲେ ସେମାନଙ୍କ ପାଇଁ କୌଣସି ପାର୍କିଂ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସେମାନେ ଦୋକାନ ସମ୍ମୁଖ ରାସ୍ତା ଉପରେ ବାଧ୍ୟହୋଇ ଗାଡି ପାର୍କିଂ କରୁଛନ୍ତି। ମାର୍କେଟର ଛାତ ଉଦିତନଗର ପରେଡ ପଡିଆର ଦର୍ଶକ ଗ୍ୟାଲେରି ତଳେ ଥିବାରୁ ଲଗାଣ ବର୍ଷାହେଲେ ଛାତରୁ ପାଣି ଝରୁଛି। ଏଥିଯୋଗୁ ଦୋକାନରେ ଥିବା ସାମଗ୍ରୀଗୁଡିକ ନଷ୍ଟ ହେଉଛି। ସେହିପରି ଦୋକାନର କେଉଁଠି କାନ୍ଥ ଫାଟି ଆଁ କରିଛି ତ ଆଉ କେଉଁଠି ଛାତରେ ଶିଉଳି ଲାଗି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଆରଏମ୍‌ସି ପକ୍ଷରୁ ଶୌଚାଳୟକୁ ନିୟମିତ ସଫେଇ କରାଯାଉନାହିଁ। ଫଳରେ ଗ୍ରାହକ ଓ ବ୍ୟବସାୟୀ ହଇରାଣ ହେଉଛନ୍ତି। ତେଣୁ ମାର୍କେଟରେ ଥିବା ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ କରିବା ଲାଗି ବ୍ୟବସାୟୀ ମହଲରେ ଦାବି ହୋଇଛି। ଏ ନେଇ ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ଉଦିତନଗର ଭେଣ୍ଡିଂ ଜୋନ ସମସ୍ୟାକୁ ନେଇ ଆମ ପାଖରେ ବର୍ତ୍ତମାନ ସୁଦ୍ଧା କୌଣସି ଅଭିଯୋଗ ହୋଇନାହିଁ। ମାର୍କେଟର ବର୍ତ୍ତମାନ ସ୍ଥିତି ସମୀକ୍ଷା କରିବା ପରେ ତୁରନ୍ତ ପଦକ୍ଷେପ ନେବୁ ବୋଲି କମିଶନର କୁଲକର୍ଣ୍ଣି ମତ ପ୍ରକାଶ କରିଥିଲେ।

# ସୁସ୍ଥ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ଜରୁରୀ

ରାଉରକେଲା,୮।୮(ଦିନେଶ ମିଶ୍ର)

**ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ**

ଛେଣ୍ଡ ସ୍ଥିତ ହୃଷୀକେଶ ରାୟ ମହାବିଦ୍ୟାଳୟ ପରିସରରେ ହାପି ମୁମେଣ୍ଟ ଇଣ୍ଡିଆ ପକ୍ଷରୁ ବନ୍ଧୁତ୍ୱ ଦିବସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚ୍.କେ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପାନପୋଷ ରେଞ୍ଜର ଜ୍ଞାନେନ୍ଦ୍ର ଲିମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏକ ସୁସ୍ଥ ସମାଜ ପାଇଁ ବୃକ୍ଷର ଆବଶ୍ୟକତା ଜରୁରୀ ବୋଲି ରେଞ୍ଜର ଲିମା ମତପ୍ରକାଶ କରିଥିଲେ। ଏଥିରେ ଏନସିସି ଛାତ୍ର, ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ଏକାଧିକ ସଦସ୍ୟ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟତାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ପରିସରରେ ଆମ୍ବ, ପଣସ ଭଳି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରଦୀପ କୁମାର ସାହୁ, ଦିବାକର ଦାସ, ରୋବର୍ଟ ହାଇଫିଲ୍, ରଶ୍ମିତା ପଣ୍ଡା, ନମିତା ପାତ୍ର, ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କ ମୃତଦେହ ଜବତ, ହତ୍ୟା ସନ୍ଦେହ


ଉତ୍ତମ ବସ୍ତି ନିକଟରେ ପୋଲିସ ତଦନ୍ତ କରୁଛି।

ରାଉରକେଲା/ବନ୍ଧମୁଣ୍ଡା,୮।୮ (ସଙ୍ଗୀତା ଜେନା/ସୁବ୍ରତ ଡେ)

ରାଉରକେଲା ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଉତ୍ତମବସ୍ତି ପାୱାର ଗ୍ରୀଡ୍ ନିକଟ ତଥା ରାଉରକେଲା ଇସ୍ପାତ କାରଖାନା ପାଚେରୀ ପାର୍ଶ୍ୱରେ ଜଣେ ଯୁବକଙ୍କ ମୃତଦେହକୁ ଜବତ କରାଯାଇଛି। ମୃତକ ହେଲେ ତିଳକାନଗରର ସି ସେକ୍ଟର ନିବାସୀ ରାମାଇ ମୁଣ୍ଡା(୪୦)। ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ଡିଏସ୍‌ପି ଜୋନ୍-୨ ନିର୍ମଳ ମହାପାତ୍ର, ବନ୍ଧମୁଣ୍ଡା ପୋଲିସ ଏସ୍‌ଆଇ ସୌମ୍ୟରଞ୍ଜନ ଗିରି, ଫରେନ୍‌ସିକ୍ ଟିମ୍ ପହଂଚି ତଦନ୍ତ କରିବା ସହ ମୃତଦେହ ଉଦ୍ଧାର କରିଥିଲେ। ଏ ନେଇ ବନ୍ଧମୁଣ୍ଡା ଥାନାରେ ଏକ ମାମଲା (ନଂ.୧୯/୨୪) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁସାରେ, ମୃତକ ରାମାଇଙ୍କ ସ୍ତ୍ରୀ ପୂର୍ବରୁ ମରିଯାଇଥିଲେ। ତାଙ୍କର କେହି ସନ୍ତାନସନ୍ତତି ନ ଥିଲେ। ସେ ଦିନମଜୁରିଆ ଭାବେ କାମ କରୁଥିଲେ। ପରିବାରର ଅନ୍ୟମାନେ ଥିଲେ ମଧ୍ୟ ରାମାଇ ଏକୁଟିଆ ରହୁଥିଲେ। ତେବେ କେଉଁ ପରିସ୍ଥିତିରେ ସେ ଉକ୍ତ ସ୍ଥାନକୁ ଗଲେ, ତାହା ତଦନ୍ତ କରାଯାଉଛି। ତାଙ୍କ ଦେହରେ କୌଣସି ଆଘାତ କିମ୍ବା ଅସ୍ତ୍ରଶସ୍ତ୍ର ଦାଗ ନ ଥିବା ଦେଖାଯାଇଛି। ତଦନ୍ତ ଓ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟତା ପଦାକୁ ଆସିବ। ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି ବୋଲି ଡିଏସ୍‌ପି ମହାପାତ୍ର କହିଥିଲେ। ଅପରପକ୍ଷେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବୁଧବାର ବିଳମ୍ବିତ ରାତିରେ ରାମାଇ ପ୍ରାୟ ୭/୮ ଜଣ ଲୋକଙ୍କ ସହ ମିଶି ବାହାରକୁ ଯାଇଥିଲେ। ସକାଳ ହୋଇଯାଇଥିଲେ ମଧ୍ୟ ସେ ଘରକୁ ଫେରି ନ ଥିଲେ। ଗୁରୁବାର ସକାଳେ ରାସ୍ତାକଡ଼ରେ ଥିବା ବୁଦାଜଙ୍ଗଲରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ସୂଚନା ଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ମହିଳା ଅଧିକାରୀ ଓ କର୍ମଚାରୀ।

# ବିଦ୍ୟୁତ୍ ବିତରଣ ଭାର ନେବେ ମହିଳା କର୍ମଚାରୀ

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

**ଉଦିତନଗର ବିଦ୍ୟୁତ୍ ଉପଖଣ୍ଡ**

ନାରୀ ସଶକ୍ତୀକରଣ ପାଇଁ ଟିପିଡବ୍ଲ୍ୟୁଓଡିଏଲ ବିଦ୍ୟୁତ ବିତରଣ ସଂସ୍ଥା ତରଫରୁ ଉଦିତନଗର ବିଦ୍ୟୁତ ଉପଖଣ୍ଡକୁ ମହିଳା କର୍ମଚାରୀମାନଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ଏ ନେଇ ଗୁରୁବାର ଉଦିତନଗର ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ନାୟକ କହିଥିଲେ ଯେ, ସାରା ପଶ୍ଚିମ ଓଡିଶାରେ ଉଦିତନଗର ବିଦ୍ୟୁତ ଉପଖଣ୍ଡର ତେଜସ୍ୱିନୀ ବିଦ୍ୟୁତ ବାହିନୀ ଆଗକୁ ଉଦାହରଣ ସାଜିବେ ବୋଲି କହିଥିଲେ। ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମା କହିଥିଲେ, ଉଦିତନଗର ବିଦ୍ୟୁତ୍ ଉପଖଣ୍ଡକୁ କେବଳ ମହିଳାମାନଙ୍କ ଲାଗି ଉତ୍ସର୍ଗ କରି ଆମେ କେବଳ ଯେ ଏକ ସନ୍ତୁଳିତ କାର୍ଯ୍ୟକ୍ଷେତ୍ରକୁ ପ୍ରୋତ୍ସାହିତ କରୁନାହୁଁ ବରଂ ଆମର ମହିଳା କର୍ମଚାରୀଙ୍କୁ ନେତୃତ୍ୱ ଏବଂ ଉଦ୍ଭାବନ ପାଇଁ ସଶକ୍ତ କରୁଛୁ ବୋଲି କହିଥିଲେ। ପ୍ରକାଶଥାଉକି, ଉଦିତନଗର ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ଆସୁଥିବା ସମସ୍ତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଆଗକୁ ମହିଳା କର୍ମଚାରୀ ସମସ୍ତ ବିଦ୍ୟୁତ୍ ବିତରଣ ଭାର ନିର୍ବାହ କରିବେ।

### ରକ୍ତଦାନ ଦ୍ୱାରା ଶରୀରରେ ଜୀବକୋଷ ବୃଦ୍ଧି ହୋଇଥାଏ

ରାଉରକେଲା,୮।୮(ଦିନେଶ ମିଶ୍ର)

ସିଭିଲଟାଉନ୍‌ଶିପ୍ ସ୍ଥିତ ଏନ୍-୪/୮ ସୁଧାର ନିଶା ନିବାରଣ କେନ୍ଦ୍ର କାର୍ଯ୍ୟାଳୟରେ ସଭାପତି ଶିଶିର ପାଣୀଙ୍କ ତତ୍ତ୍ୱାବଧାନରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଆରଜିଏଚ୍ ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଓ ଟେକ୍ନିକାଲ ଟିମ୍ ଅଭୟ ଦାଶ ଓ ରୋଷନ ସାହୁ ପରିଚାଳନା କରିଥିଲେ। ଏହି ଶିବିରରେ ରାଉରକେଲା ତଥା ଆଖପାଖ ଅଞ୍ଚଳରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଲୋକ ସ୍ୱଇଚ୍ଛାରେ ରକ୍ତଦାନ କରିଥିଲେ। ଶିବିରକୁ ମେକ୍ ୟୁଅର ଫ୍ୟୁଚର(ଏମ୍‌ୱାଇଏଫ) ଏକାଡେମୀ ଅଫ୍ ଷ୍ଟକ ମାର୍କେଟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ରକ୍ତଦାନ କରିବା ଦ୍ୱାରା ଶରୀରର ଜୀବକୋଷ ବୃଦ୍ଧି ହେବା ସହ ରକ୍ତରେ ସ୍ୱଚ୍ଛତା ବୃଦ୍ଧି ପାଇଥାଏ ବୋଲି ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନୁଷ୍ଠାନର ବିଚିତ୍ରାନନ୍ଦ ଦାସ, ଆଶିଷ କୁମାର ରଥ, ବିଜୟ ମଣ୍ଡଳ, ସରୋଜ ଦାସ, ରଞ୍ଜନ ନାୟକ, ହିମାଂଶୁ ସାମଲ, ରାଜବୀର ଆନନ୍ଦ, ଝଲକ ସିଂ, ତନ୍ମୟ କର, ଅନୁପମା ଦାସ, ବିଶ୍ୱଜିତ ଚୌରାସିଆ, ତାରିଣୀ ଦାଶ, ଅଭୟ ସିଂ ପ୍ରମୁଖ ସହଯୋଗ କରିଥିଲେ।

### ଟାଏକୋଣ୍ଡୋ ଚାମ୍ପିୟନଶିପ୍ ପାଇଁ ୩ ମନୋନୀତ



ମନୋନୀତ ହୋଇଥିବା ଖେଳାଳି।

ରାଉରକେଲା,୮।୮(ଦିନେଶ ମିଶ୍ର)

ବ୍ୟାଙ୍କକକ୍‌ଠାରେ ଚଳିତ ମାସରେ ୭ତମ ହିରୋ ତାଇକୋଣ୍ଡୋ ଆନ୍ତର୍ଜାତୀୟ ଚାମ୍ପିନଶିପ୍ ଅନୁଷ୍ଠିତ ହେବ। ଏହି ଚାମ୍ପିୟନ୍‌ଶିପ୍‌ରେ ରାଉରକେଲାରୁ ୩ ଜଣ ଖେଳାଳିଙ୍କୁ ମନୋନିତ କରାଯାଇଛି । ଏହି ଖେଳାଳିମାନେ ହେଲେ ଅମନ ମୁଣ୍ଡା, କୌସିକ କୁମାର, ସୌମ୍ୟ ରଞ୍ଜନ ମହାନ୍ତି। ଏମାନେ ସେକ୍ଟର-୩ ସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଥିବା ଦ ନେକ୍ସଟ ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ତଥା କୋଚ୍ ଆନନ୍ଦ କୁମାର ସୁନାଙ୍କଠାରୁ ତାଇକୋଣ୍ଡୋ ପ୍ରଶିକ୍ଷଣ ନେଉଛନ୍ତି। ଏହି ଖେଳାଳିମାନଙ୍କୁ କୋଚ୍ ସୁନା ଗୁରୁବାର ବ୍ୟାଙ୍କକକ୍ ନେଇଯିବେ ବୋଲି ଜଣାପଡିଛି।

# ମାଓବାଦୀ କ୍ୟାମ୍ପ ଧ୍ୱଂସ କଲା ସୁରକ୍ଷାବଳ

ରାଉରକେଲା,୮।୮(ସଙ୍ଗୀତା ଜେନା)

ଓଡ଼ିଶା ଝାଡଖଣ୍ଡ ସୀମାନ୍ତରେ ସୁରକ୍ଷାବଳ ପକ୍ଷରୁ ନିରନ୍ତର ସର୍ଚ୍ଚ ଅପେରଶନ ଜାରି ରହିଛି। ମାଓଦମନ ପାଇଁ ହେଉଥିବା ଏହି ଅପରେଶନ ସମୟରେ ଗୁରୁବାର ଅପରାହ୍ନରେ ଏକ ମାଓବାଦୀ କ୍ୟାମ୍ପକୁ ଠାବ କରି ଧ୍ୱଂସ କରାଯାଇଛି। ଗୋଇଲକେରା ଥାନା ଅନ୍ତର୍ଗତ କୁଇଡ଼ା, ଛୋଟା କୁଇଡ଼ା, ମାରୋଦିରୀ, ମେରାଲଗଢ଼, ହାଥିବୁରୁ, ତିଲାୟବେଡ଼ା ସମେତ ୨୦ରୁ ଊର୍ଦ୍ଧ୍ୱ ଅଞ୍ଚଳ ତଥା ଟୋଣ୍ଟୋ ଥାନା ଅନ୍ତର୍ଗତ ହୁଇପି, ରାଜବାସା, ତୁମ୍ବାହାକା ସମେତ କୋଲହାନ୍ ଅଞ୍ଚଳରେ ସର୍ଚ୍ଚ ଅପେରଶନ ଜାରି ରହିଥିଲା। ଅପରାହ୍ନରେ ଟୋଣ୍ଟୋ ଥାନା ଅନ୍ତର୍ଗତ ସରଜୋମବୁର ନିକଟରେ ଏକ କ୍ୟାମ୍ପ ଠାବ କରାଯାଇଥିଲା। ସେଥିରୁ ୩୦୩ ବୋଲ୍ଟ ଏକ୍ସନ ରାଇଫଲ୍-୧ଟି, ହ୍ୟାଣ୍ଡ ସେଟ୍ ୧ଟି, ବିପୁଳ ଗୋଳାବାରୁଦ ଜବତ କରାଯାଇଥିଲା। ଏହାକୁ ବମ୍ ନିରୋଧକ ସ୍କ୍ୱାଡ୍ ନଷ୍ଟ କରିଥିବା ସିଆର୍‌ପିଏଫ୍ ପକ୍ଷରୁ ସୂଚନା ମିଳିଛି।


ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

# ରୋଟାରୀ କ୍ଲବ ରିଭରସାଇଡ଼ର ସ୍ଥାପନା ଦିବସ ପାଳିତ

ରାଉରକେଲା,୮।୮(ଦିନେଶ ମିଶ୍ର)

ସେକ୍ଟର-୧୯ ସ୍ଥିତ ରାଉରକେଲା କ୍ଲବ ପରିସରରେ ରୋଟାରୀ କ୍ଲବ ରାଉରକେଲା ରିଭରସାଇଡ ପକ୍ଷରୁ ଏକାଦଶତମ ସ୍ଥାପନା ଦିବସ ସଭାପତି ଭଗବାନ ପାଢୀଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସୁନ୍ଦରଗଡ ଜିଲା ରୋଟାରୀ ଗଭର୍ନର ଅଖିଳ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୦୨୪-୨୫ ପାଇଁ ନବନିର୍ବାଚିତ ସଭାପତି ଇଞ୍ଜିନିୟର ସନ୍ତୋଷ କୁମାର ମିଶ୍ର ଓ ସଚିବ ଭାବେ ପ୍ରମିଳା ମିଶ୍ରଙ୍କୁ ଅତିଥି ମିଶ୍ର ଶପଥପାଠ କରାଇଥିଲେ। ଅନ୍ୟ ମଞ୍ଚାସୀନ ଅତିଥି ଭାବେ ଗଭର୍ନର ଚନ୍ଦ୍ରଶେଖର ଶତପଥୀ ଉପସ୍ଥିତ ସଦସ୍ୟମାନଙ୍କୁ ସମାଜସେବାରେ ନିୟୋଜିତ କରିବାକୁ ପ୍ରେରଣା ଦେଇଥିଲେ। କ୍ଲବର ପୂର୍ବତନ ସଭାପତି ଇଞ୍ଜିନିୟର ନବଘନ ସାହୁଙ୍କ ନେତୃତ୍ୱରେ ଜାରି ରହିଥିବା ପ୍ରୌଢଶିକ୍ଷା ଅଭିଯାନର ଶିକ୍ଷୟିତ୍ରୀ କବିତା ଦାଦେଲଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ନର ଏଫ୍. ସି ମହାନ୍ତି, ନବନିର୍ବାଚିତ ଜିଲା ଗଭର୍ନର ଆଲାମ ସିଂ ରୁପ୍ରା ଯୋଗଦେଇ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ସଭାପତି ପି. ସି ମହାପାତ୍ର ଓ ନବଘନ ସାହୁଙ୍କୁ ଉତ୍ତମ ସେବା କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ସ୍ଥାପନା ଦିବସରେ କ୍ଲବରେ ୪ଜଣ ନୂତନ ସଦସ୍ୟ ଯୋଗ ଦେଇଥିଲେ। ଗୋଲ୍ଡିରାଣୀ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ। ଉପସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍ସବରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

# ଡିଆଇଜିଙ୍କୁ ଫେରାଦ ହେଲେ ବିଧାୟକ

ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)

**ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ**

ରାଉରକେଲା ଶିଳ୍ପାଞ୍ଚଳ ଏବଂ ସହରାଞ୍ଚଳରେ କିଛିଦିନ ହେଲା ଆଇନଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ ହୋଇପଡିଲା। ରାଉରକେଲା ପୋଲିସ ପ୍ରଶାସନ ଏଥିରେ ଲଗାମ ରୋକ୍ ପାରୁନାହିଁ। ଫଳରେ ରାଉରକେଲାର ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଡକାୟତି, ହତ୍ୟା ଓ ଅପହରଣ ଭଳି ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଚାଲିଛି। ଏଥିସହ ଇସ୍ପାତ ସହରାଞ୍ଚଳର ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ଜଣତରେ ଖୁଲମଖୁଲା ସଟ୍ଟାଖେଳ, ତାସ ମାଧ୍ୟମରେ ଜୁଆ ଖେଳ, ଗଞ୍ଜେଇ, ଚୋରା ଦେଶୀ ଓ ବିଦେଶୀ ମଦ କାରବାର ଚାଲିଛି ବୋଲି ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅଭିଯୋଗ କରିଛନ୍ତି। ଏହାସହ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଦୃଷ୍ଟି ଦେବାକୁ ବିଧାୟକ ଡିଆଇଜି ତଥା ରାଉରକେଲା ଆରକ୍ଷୀ ଅଧୀକ୍ଷକ ଦାୟିତ୍ୱରେ ଥିବା ବ୍ରିଜେଶ କୁମାର ରାୟଙ୍କୁ ଭେଟି ଫେରାଦ ହୋଇଛନ୍ତି। ସମସ୍ତ ଅଭିଯୋଗକୁ ଗମ୍ଭୀରତାର ସହ ବିଚାର କରି ଅତିଶୀଘ୍ର ସହରରେ ଚାଲିଥିବା ବେଆଇନ କାର୍ଯ୍ୟକଳାପ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ବିଧାୟକଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ସମୟରେ ବିଧାୟକଙ୍କ ସହିତ ଭାଜପା ପାନପୋଷ ସାଙ୍ଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ବରିଷ୍ଠ ନେତା ଅକ୍ଷୟ ଦାଶ ଓ ସତ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଡିଆଇଜିଙ୍କ ସହ ଆଲୋଚନା କରୁଛନ୍ତି।

# ମହାନଗର ନିଗମ ବାସିନ୍ଦା, ମିଳୁନି ସୁବିଧା

## ଅବହେଳିତ ଅବସ୍ଥାରେ ଭୋଇପାଲି ବାସିନ୍ଦା

ସମ୍ବଲପୁର,୭।୮ (ଭବାନୀ ଶଙ୍କର ଭୋଇ)

ପୂର୍ବରୁ ମାନେଶ୍ୱର ବ୍ଲକ ମାନେଶ୍ୱର ପଞ୍ଚାୟତ ଅଧୀନରେ ଥିବା ଭୋଇପାଲି ଗାଁ ୧୨ ବର୍ଷ ତଳେ ସମ୍ବଲପୁର ମହାନଗର ନିଗମ ନିଗମର ୪୦ ନମ୍ବର ୱାର୍ଡରେ ଅନ୍ତର୍ଭୁକ୍ତ ହୋଇଥିଲା। ଗ୍ରାମବାସୀ ଭାବିଥିଲେ ମହାନଗର ନିଗମରେ ଅନ୍ତର୍ଭୁକ୍ତ ହୋଇଥିବାରୁ ପଞ୍ଚାୟତ ଅପେକ୍ଷା ଅଧିକ ସୁବିଧା ସୁଯୋଗ ପାଇବେ। ହେଲେ ସାମିଲ ହେବାର ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ବି ଭୋଇପାଲିକୁ ରାସ୍ତାଘାଟ, ପାନୀୟ ଜଳ, ଶୌଚାଳୟ ଭଳି ମୌଳିକ ସୁବିଧା ପହଞ୍ଚିପାରିନି। ଗାଁରେ ପହଞ୍ଚିଲେ ଭୋଇପାଲି ମହାନଗର ନିଗମ ଅନ୍ତର୍ଭୁକ୍ତ ବୋଲି ଜାଣିବା କଷ୍ଟକର। ମହାନଗର ନିଗମରେ ସାମିଲ ହେବା ପରେ ପଞ୍ଚାୟତରୁ ମିଳୁଥିବା ସୁବିଧା ଆଉ ଭୋଇପାଲିବାସୀଙ୍କୁ ମିଳୁନାହିଁ। ପାଇପ ପାଣି ନୁହେଁ, ଗାଁରେ ଥିବା ଦୁଇଟି ନଳକୂପ ଏବେ ବି ଲୋକଙ୍କ ସାହା ଭରସା। ଗାଁକୁ ପ୍ରବେଶ କରୁଥିବା ରାସ୍ତାର ଗୋଟିଏ ପାର୍ଶ୍ୱରୁ ସିମେଣ୍ଟ ଉଠିଯାଇଥିବା ବେଳେ ଅନ୍ୟ ପାର୍ଶ୍ୱ ଆଣ୍ଠୁଏ କାଦୁଅରେ ଭର୍ତ୍ତି ହୋଇଛି। ଭୋଇପାଲି ନିକଟରେ ଥିବା ହରିଜନପଡା, ବେଲପଡା, ମିର୍ଦ୍ଧାପଡା, ଗଣ୍ଡାପଡା, ଡୁମ୍ବରୀପଡା, ନୂଆଁପଡା, ମୁଣ୍ଡାପଡା, ଲିମ୍ ଟିକିରା ବାସୀଙ୍କ ଅବସ୍ଥା ମଧ୍ୟ ଆହୁରି ଦୟନୀୟ।

ହୀରାକୁଦ ଡ୍ୟାମ ନିର୍ମାଣ ସମୟରେ ବାସଚ୍ୟୁତ ହୋଇ ଭୋଇପାଲିରେ ବସତି ସ୍ଥାପନ କରିଥିଲେ ବୁଢ଼ି ଅଞ୍ଚଳବାସୀ। ଏବେବି ଅନେକ ବାସଚ୍ୟୁତଙ୍କୁ ସ୍ଥାୟୀ ପଟ୍ଟା ମିଳିନାହିଁ। ମହାନଗରରେ ସାମିଲ ହୋଇ ମଧ୍ୟ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ଗାଁ ଲୋକ। ପୂର୍ବରୁ ୮ କିଲୋମିଟର ଦୂର ମାନେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ପଡୁଥିଲା। ଏବେ ଦୁର୍ଗାପାଲିରେ ଥିବା ମହାନଗର ନିଗମ କାର୍ଯ୍ୟାଳୟ ପ୍ରାୟ ୨୦ କିଲୋମିଟର ଖର୍ଚ୍ଚାନ୍ତ ହୋଇ ଯିବାକୁ ପଡୁଛି। ଅଧିକାରୀ ନଥିଲେ କଥା ସରିଲା, ପୁଣି ଆଉ ଦିନକୁ ଅପେକ୍ଷା। ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧଙ୍କୁ ମହାନଗର ନିଗମ କାର୍ଯ୍ୟାଳୟ ଯିବା କାଠିକର ପାଠ। ସ୍ୱାସ୍ଥ୍ୟସେବା ପାଇଁ ମାସକୁ ଥରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଗାଡି ଭୋଇପାଲି ପହଞ୍ଚୁଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ସମ୍ବଲପୁର ମହାନଗର ନିଗମ ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁଙ୍କୁ ପଚାରିବାର କହିଛନ୍ତି, ଭୋଇପାଲି ଅଞ୍ଚଳର ବିକାଶ ପାଇଁ ଏବେ ଅନେକ ଗୁଡିଏ ପ୍ରକଳ୍ପ ହାତକୁ ନିଆଯାଇଛି। ଖୁବ୍‌ଶୀଘ୍ର ରାସ୍ତା, ଡ୍ରେନ ନିର୍ମାଣ ହେବ ଏବଂ ଖେଳପଡିଆର ବିକାଶ କରାଯିବ। ତେବେ ଜିଲା ସୀମାନ୍ତ ଅଞ୍ଚଳର ହୋଇଥିବାରୁ ଲୋକେ ମହାନଗର ନିଗମ କାର୍ଯ୍ୟାଳୟ ପହଞ୍ଚିବାକୁ ସାମାନ୍ୟ ଅସୁବିଧା ଭୋଗୁଛନ୍ତି। ତେବେ କାର୍ଯ୍ୟାଳୟ ନ ଆସି ଅନ୍‌ଲାଇନରେ ନିଜର ଅଭିଯୋଗ ଦାଖଲ କରିପାରିବେ ବୋଲି ଡେପୁଟି କମିଶନର ସାହୁ କହିଛନ୍ତି।


ଶୋଚନୀୟ ହୋଇ ପଡିଥିବା ଭୋଇପାଲି ଗାଁ ରାସ୍ତା ।

## ସଂକ୍ଷେପରେ

### ମୃତ୍ୟୁପରେ ଭିମସାରକୁ ଶରୀର ଦାନ


ଅନ୍ତର୍ଯ୍ୟାମୀ ତ୍ରିପାଠୀ।

ସମ୍ବଲପୁର, ୮।୮ (ପ୍ରମୋଦ ବହିଦାର)

ପୂର୍ବ ସତ୍ୟପାଠ ଅନୁସାରେ ବିଶିଷ୍ଟ ସମାଜସେବୀ ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ପରଲୋକ ପରେ ଗୁରୁବାର ତାଙ୍କ ମୃତଦେହକୁ ବୁର୍ଲା ଭିମସାରକୁ ଦାନ କରାଯାଇଛି। ବୁଧବାର ରାତିରେ ୮୬ ବର୍ଷ ବୟସରେ ସ୍ୱର୍ଗତ ତ୍ରିପାଠୀଙ୍କ ପରଲୋକ ଘଟିଥିଲା। ସେ ଗତ ୨୦୧୭ ସେପ୍ଟେମ୍ବର ୩ ରେ ଭିମସାର ଛାତ୍ରୀଛାତ୍ରଙ୍କ ପାଠପଢ଼ା ସହ ଗବେଷଣା ପାଇଁ ନିଜ ଶରୀର ଦାନ ପାଇଁ ସମ୍ବଲପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉତ୍ସର୍ଗ ମାଧ୍ୟମରେ ସତ୍ୟପାଠ କରିଥିଲେ। ଗୁରୁବାର ପୂର୍ବାହ୍ନ ୧୦ଟାରେ ପରିବାର ଲୋକଙ୍କ ପକ୍ଷରୁ ତାଙ୍କ ସମ୍ପୂର୍ଣ୍ଣ ଶରୀରକୁ ଭିମସାର ଆନାଟୋମି ବିଭାଗକୁ ହସ୍ତାନ୍ତର କରାଯାଇଛି। ଆନାଟୋମି ବିଭାଗ ପ୍ରଫେସର ଡା. ମମତା ସର, ଆରତୀ ପ୍ରଧାନ, କ୍ଷୀରେସ ବାରିକ, ଫୁଲ ସୁନା ଓ ବିପ୍ର ତାଣ୍ଡିଆ ପ୍ରମୁଖ ଆସି ତାଙ୍କ ବାସଭବନରୁ ମର ଶରୀରକୁ ଗ୍ରହଣ କରିଥିଲେ। ଉତ୍ସର୍ଗର ସୁଧୀର ପୂଜାରୀ, ପ୍ରଶାନ୍ତ ପାଟ୍ଟଯୋଶୀ, ରଜନୀ ନାଗ୍, ଜୟନ୍ତ ନନ୍ଦ, ପ୍ରବୀଣ ଦୀକ୍ଷିତ, ଶିବନାରାୟଣ ପାଣିଗ୍ରାହୀ ପ୍ରମୁଖଙ୍କ ଉପସ୍ଥିତିରେ ତ୍ରିପାଠୀଙ୍କ ଅଙ୍ଗଦାନ ପ୍ରକ୍ରିୟା ସମ୍ପାଦିତ ହୋଇଥିଲେ। ଏହି ପରିପ୍ରେକ୍ଷୀରେ ଅନ୍ତର୍ଯ୍ୟାମୀଙ୍କ ମୃତ୍ୟୁରେ ଉତ୍ସର୍ଗ ପକ୍ଷରୁ ଶୋକ ପ୍ରକାଶ ପୂର୍ବକ ତାଙ୍କ ଅମର ଆତ୍ମାର ଶାନ୍ତି କାମନା କରାଯାଇଛି। ସୂଚନାଯୋଗ୍ୟ ଯେ, ଅନ୍ତର୍ଯ୍ୟାମୀଙ୍କ ତାଙ୍କ ଜୀବନକାଳରେ ଅନେକଥର ରକ୍ତଦାନ କରିଥିଲେ।

### ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ନିଯୁକ୍ତି

ସମ୍ବଲପୁର,୮।୮ (ବି.ଶଙ୍କର)

ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବୁର୍ଲାସ୍ଥିତ ଭିମ୍‌ସାରରେ ଦୀର୍ଘ ବର୍ଷର ବ୍ୟବଧାନ ପରେ ୨ଜଣ ନିଶ୍ଚେତକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ଏହି ପଦବୀ ପୂରଣ ହୋଇଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଗୁରୁବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ କର୍ମକର୍ତ୍ତାମାନେ ଧନ୍ୟବାଦ ଜଣାଇଛି। ୩ ମାସ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଦାବି କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସମ୍ବଲପୁର ଗସ୍ତ ସମୟରେ ମଞ୍ଚର ସଦସ୍ୟା ସଦସ୍ୟମାନେ ସାକ୍ଷାତ୍‌କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ପଦବୀ ପୂରଣ ପାଇଁ ଅନୁରୋଧ କରିଥିଲେ। ବହୁ ବର୍ଷ ଧରି ମୁଖ୍ୟ ଚିକିତ୍ସାଳୟରେ ନିଶ୍ଚେତକ ଡାକ୍ତର ପଦବୀ ଖାଲି ପଡ଼ି ରହିଥିବାରୁ ସାଧାରଣ ଅସ୍ତ୍ରୋପଚାର ହୋଇପାରୁ ନ ଥିଲା। ଛୋଟିଆରୁ ଛୋଟିଆ ଅସ୍ତ୍ରୋପଚାର ପାଇଁ ନର୍ସିଂହୋମ ଉପରେ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଥିଲା। ଅପରପକ୍ଷେ ଭିମ୍‌ସାର ଉପରେ ଗରିବ ଲୋକେ ଆଶ୍ରା କରୁଥିଲେ। ବିଭିନ୍ନ ସମୟରେ ବହୁ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଦାବି ହୋଇଆସୁଥିଲା। ଗତ ମଙ୍ଗଳବାର ଜିଲା ଭାଜପାର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଜାତାରାଣୀ ମିଶ୍ରଙ୍କୁ ସାକ୍ଷାତକରି ନିସ୍ତେଜକ ଡାକ୍ତର ତୁରନ୍ତ ନିଯୁକ୍ତ କରିବାକୁ ଦାବି କରିଥିଲା। ଏହି ପ୍ରତିନିଧି ଦଳରେ ଜିଲା ଭାଜପା ଓବିସି ମୋର୍ଚ୍ଚାର ପୂର୍ବତନ ସଭାପତି ସରୋଜ ସାହୁ, ଜିଲା ଯୁବମୋର୍ଚ୍ଚାର ପୂର୍ବତନ ସଭାପତି ଦେଓକିରଣ ପଟ୍ଟନାୟକ, ପୂର୍ବତନ ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ଡାକ୍ତର ପ୍ରଭାସ ଦେବତା, ନରେଶ ବର୍ମା ଉପସ୍ଥିତ ଥିଲେ। ସମ୍ପ୍ରତି ଦାବି ପୂରଣ ହୋଇଥିବାରୁ ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ, ଅଗଷ୍ଟ ୭ ତାରିଖରେ ଓଡ଼ିଶା ଡାଇରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ ବିଭାଗ ପକ୍ଷରୁ ନିଶ୍ଚେତକ ଡାକ୍ତରଙ୍କ ନିଯୁକ୍ତି ନେଇ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ରୀନା, ନିରଞ୍ଜନ ସ୍ୱାଧୀନତା ଦିବସର ସ୍ୱତନ୍ତ୍ର ଅତିଥି

କୁଚିଣ୍ଡା, ୮।୮ (ବିରଞ୍ଚି ଦର୍ଜୀ)


ରୀନା କୁମାରୀ ନାଏକ।


ନିରଞ୍ଜନ ମିଞ୍ଜ।

ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ହେବାକୁ ଥିବା ସ୍ୱାଧୀନତା ଦିବସ ସମାରୋହରେ କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକର ଦୁଇଜଣ କଲେଜ ଛାତ୍ରୀ ଓ ଛାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବେ। ସେମାନେ ହେଲେ ରୀନା କୁମାରୀ ଓ ନିରଞ୍ଜନ ମିଞ୍ଜ। ରୀନା କୁଚିଣ୍ଡା କଲେଜ କଳା ବିଭାଗର ଯୁକ୍ତ ୩ଶେଷ ବର୍ଷ ଛାତ୍ରୀ। ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତ ପିଣ୍ଡାପଥର ଗ୍ରାମର ନିରଞ୍ଜନ ମିଞ୍ଜ ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଡାଲମିଆଁ କଲେଜ ବାଣିଜ୍ୟ ବିଭାଗର ଯୁକ୍ତ ୩ ଶେଷ ବର୍ଷ ଛାତ୍ର। ରୀନା କୁଚିଣ୍ଡା କଲେଜ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ। ତାଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସର ସ୍ୱତନ୍ତ୍ର ଅତିଥ ଭାବେ ନିମନ୍ତ୍ରଣ କରିଥିବାରୁ କୁଚିଣ୍ଡା କଲେଜ ଗର୍ବିତ ବୋଲି ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପିକା ବେଲମତି କୁମୁରା ଓ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର କହିଛନ୍ତି। ସେହିପରି ଅନ୍ୟ ଜିଲାର କଲେଜରେ ଅଧ୍ୟୟନ କରୁଥିବା ନିରଞ୍ଜନ ମିଞ୍ଜ ମଧ୍ୟ ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ଗ୍ରାମର। ତାଙ୍କୁ ମଧ୍ୟ ଜାତୀୟ ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ପ୍ରଧାନମନ୍ତ୍ରୀଙ୍କଠାରୁ ନିମନ୍ତ୍ରଣ ମିଳିଛି। ଏହି ଦୁଇ ଛାତ୍ରୀ ଓ ଛାତ୍ର ଜାତୀୟ ଦିବସରେ ସ୍ୱତନ୍ତ୍ର ଅତିଥି ହେବା ସମ୍ବଲପୁର ଜିଲ୍ଲାକୁ ଗୌରବାନ୍ୱିତ କରିଛି।

# ସୁପରଲିଗ୍‌ରେ ଜିଏମ୍‌ୟୁ ଦଳ


ଅତିଥିମାନେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର, ୮।୮ (ବି.ଶଙ୍କର)

**ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ୍**

ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟବଲ ଲିଗ୍ ତଥା ନକ୍‌ଆଉଟ ପ୍ରତିଯୋଗିତାର ଗୁରୁବାର ମ୍ୟାଚରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ଦଳ ବିଜୟୀ ହୋଇ ସୁପର ଲିଗ୍ ପର୍ଯ୍ୟାୟରେ ପ୍ରବେଶ କରିଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଜିଏମ୍‌ୟୁ ବନାମ ଭାଗବତ ମନ୍ଦିର ସଂଘ ମଧ୍ୟରେ ମ୍ୟାଚ ହୋଇଥିଲା । ପ୍ରାରମ୍ଭରୁ ଜିଏମ୍‌ୟୁ ଦଳର ଖେଳାଳିମାନେ ବିପକ୍ଷ ଭାଗବତ ମନ୍ଦିର ସଂଘ ଗୋଲ ପୋଷ୍ଟରେ ତୁହାକୁ ତୁହା ଆକ୍ରମଣ କରିଥିଲେ। ଫଳ ସ୍ୱରୂପ ଜିଏମ୍‌ୟୁ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚର ୬ ତମ ମିନିଟରେ ଜିଏମ୍‌ୟୁ ଖେଳାଳି ଶୁଭେନ୍ଦୁ ଭୋଇ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହାପରେ ୨୪ ଓ ୪୮ ତମ ମିନିଟରେ ନିରଜ ମାଝି ଦୁଇଟି ଗୋଲ ସ୍କୋର କରିଥିଲେ। ମ୍ୟାଚର ୨୭ତମ ମିନିଟରେ ଭାଗବତ ମନ୍ଦିର ସଂଘ ଖେଳାଳିମାନେ ବଲକୁ ବୁଝି ନପାରି ଆତ୍ମଘାତୀ ଗୋଲ କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ସଂଯୋଜନାରେ ମ୍ୟାଚ ହୋଇଥିଲା । ମ୍ୟାଚକୁ ରେଫରି କର୍ଣ୍ଣ ବେହେରା, ପରେଶ ଭୋଇ, ପରେଶ ପ୍ରଧାନ, ରାଜାରାମ ଓରାମ ପରିଚାଳନା କରିଥିଲେ । ଓଡ଼ିଶାର ଜୁନିୟର ଜାତୀୟ ଫୁଟବଲ ଖେଳାଳି ରାଜେନ୍ଦ୍ର ରାଉତ ଓ ବି.କେ.ମୁଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଏମ୍‌ୟୁ ଦଳର ଖେଳାଳି ରାଜେଶ ମାଝିଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା।


କୋଇଲା ସଚିବ ଅମୃତଲାଲ ମୀନାଙ୍କ ଉପସ୍ଥିତରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହିତ ସକ୍ଷମ ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷର କରାଯାଇଛି।

# ସକ୍ଷମ ପ୍ରକଳ୍ପ ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

ସମ୍ବଲପୁର,୮।୮ (ବି.ଶଙ୍କର)

**ଏମ୍‌ସିଏଲ୍‌ରେ କୋଇଲା ମନ୍ତ୍ରଣାଳୟ ସଚିବଙ୍କ ସମୀକ୍ଷା ବୈଠକ**
- ଗରିବ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ଦିଆଯିବ
- ୭.୫ କୋଟି ଟଙ୍କା ଏମ୍‌ସିଏଲ୍ ଦେବ

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ଜାଗୃତି ବିହାରସ୍ଥିତ ମୁଖ୍ୟାଳୟଠାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ କୋଇଲା ମନ୍ତ୍ରଣାଳୟ ସଚିବ ଅମୃତଲାଲ ମୀନା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, କୋଇଲା ଇଣ୍ଡିଆ ଲିମିଟେଡ୍ ଅଧ୍ୟକ୍ଷ ପିଏମ୍ ପ୍ରସାଦ ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ଅଧ୍ୟକ୍ଷ କାଓଲେ କମ୍ପାନୀର କାର୍ଯ୍ୟଦକ୍ଷତା ଉପରେ ତଥ୍ୟ ଉପସ୍ଥାପନକରି ଭବିଷ୍ୟତ କାର୍ଯ୍ୟକ୍ଷମ ବିଷୟରେ ସୂଚନା ଦେଇଥିଲେ। ସମସ୍ୟାଗୁଡ଼ିକର ସମାଧାନ ପାଇଁ ରଣନୀତି ପ୍ରସ୍ତୁତକରି ଏମ୍‌ସିଏଲ୍ ସଫଳତା ହାସଲ କରିଛି। ତେଣୁ ଏମ୍‌ସିଏଲ୍ ଟିମ୍‌କୁ ସଚିବ ମୀନା ପ୍ରଶଂସା କରିଥିଲେ। ଲକ୍ଷ୍ୟ ହାସଲ ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ଠିକ୍ ସମୟରେ ଭିତ୍ତିଭୂମି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଭିଡିଓ କନ୍‌ଫରେନ୍ସରେ ସମସ୍ତ ଏରିଆ ଜେନେରାଲ ମ୍ୟାନେଜର ଏବଂ ବିଭିନ୍ନ ବିଭାଗର ମୁଖ୍ୟମାନେ ଏଥିରେ ସଂଯୋଗ ହୋଇଥିଲେ। ସଚିବ ମୀନାଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହିତ ସକ୍ଷମ ପ୍ରକଳ୍ପ ପାଇଁ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଥିଲା। ଏହି ସକ୍ଷମ ପ୍ରକଳ୍ପ ଜରିଆରେ ଓଡ଼ିଶାର ଗରିବ ଦିବ୍ୟାଙ୍ଗଙ୍କୁ ୫ଶହଟି ଇ-ରିକ୍ସା ଯୋଗାଇ ଦିଆଯିବ। ସେମାନଙ୍କ ଜୀବନକୁ ସଶକ୍ତ କରିବା ଏବଂ ସମାଜରେ ସମ୍ମାନର ସହ ସେମାନେ ଜୀବିକା ନିର୍ବାହ କରିବାକୁ ଏମ୍‌ସିଏଲ୍ ୭.୫ କୋଟି ଟଙ୍କା ପାଣ୍ଠି ଦେବାକୁ ସ୍ଥିର କରିଛି।

## ଫାଇଲେରିଆ ନିରାକରଣ ସଚେତନତା ସଭା

ସମ୍ବଲପୁର,୮।୮ (ବି.ଶଙ୍କର)

ଏନ୍‌ଏସ୍‌ଏସ୍ ଏବଂ ଧନୁପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ପରିସରରେ ଗୁରୁବାର ଫାଇଲେରିଆ ନିରାକରଣ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଦୁର୍ଲଭ କୁମାର ସାଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଫାଇଲେରିଆର ନିରାକରଣ ଅଭିଯାନ ଓ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ବହୁଳଭାବେ ଯୋଗଦାନ କରିବାକୁ ପ୍ରଫେସର ସା ଆମନ୍ତ୍ରଣ କରିଥିଲେ। ଧନୁପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ତୃପ୍ତିମୟୀ ଦୋରା ଏହି ସଭାରେ ଯୋଗଦେଇ ଫାଇଲେରିଆର କାରଣ, ଲକ୍ଷଣ ଓ ନିରାକରଣ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ସେ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ହେବାକୁ ଥିବା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଅଂଶଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ସିବି କଲେଜର ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ସୁରେଶ ଏକ୍କା ସଂଯୋଜନା ଓ ପରିଚାଳନା କରିଥିଲେ। ସେହିପରି ଏନ୍‌ଏସ୍‌ସିବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ସୁଶ୍ରୀ ମିଲି ସାହୁ ଏବଂ ସମସ୍ତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଶେଷରେ ରୋଜାଲି ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋଟାରୀ କ୍ଲବ ସମ୍ବଲପୁର ପଶ୍ଚିମର ଶପଥ ଗ୍ରହଣ ଉତ୍ସବ

ସମ୍ବଲପୁର, ୮।୮ (ପ୍ରମୋଦ ବହିଦାର)

ରୋଟାରୀ କ୍ଲବ ସମ୍ବଲପୁର ପଶ୍ଚିମର ୨୮ ତମ ଶପଥ ଗ୍ରହଣ ଉତ୍ସବ ପାଳିତ ହୋଇଯାଇଛି। ଭାଲୁପାଲିସ୍ଥିତ ଏକ ହୋଟେଲ୍‌ରେ ଗୁରୁବାର ଅନୁଷ୍ଠିତ ଏହି ଉତ୍ସବରେ ରୋଟାରିଆନ୍ ଶଙ୍କରଲାଲ୍ ଅଗ୍ରୱାଲ୍ ଚଳିତବର୍ଷ ପାଇଁ ନୂତନ ଅଧ୍ୟକ୍ଷଭାବେ ରୋଟାରିଆନ୍ ସୁନୀଲ ଡାଲମିଆଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜବଲପୁରର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରଆନ୍ ଅଖିଳ ମିଶ୍ର, ସମ୍ମାନୀତ ଅତିଥିଭାବେ ସହକାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରୋଟାରିଆନ୍ ବିକ୍ରମ ସେନାପତି ଉପସ୍ଥିତ ଥିଲେ। ଏହି ଅବସରରେ ୩ଜଣ ନୂତନ ସଦସ୍ୟଙ୍କ ଅନ୍ତର୍ଭୁକ୍ତ ସହିତ ବରିଷ୍ଠ ନାଗରିକଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଓ ସମ୍ବଲପୁର କଳା ପରିଷଦ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁରର ବିଭିନ୍ନ ରୋଟାରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ। ରୋଟାରୀ କ୍ଲବ ସମ୍ବଲପୁର ପଶ୍ଚିମର ପ୍ରଦୀପ କାଶ୍ମୀରୀ, ସୁନୀଲ ଅଗ୍ରୱାଲ, କାହ୍ନେୟାଲାଲ ଅଗ୍ରୱାଲ, ଅରୁଣ କେଜ୍ରିୱାଲ, ଅନୁପ ଅଗ୍ରୱାଲ, ଅନିଲ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଶ୍ୟାମଲାଲ ଅଗ୍ରୱାଲ ପ୍ରମୁଖ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। କ୍ଲବ ଅଧ୍ୟକ୍ଷ ରୋଟାରିଆନ୍ ସୁରେଶ ମୁନ୍ଦ୍ରା ମଞ୍ଚ ପରିଚାଳନା କରିଥିଲେ।


ରୋଟରୀ କ୍ଲବ ସମ୍ବଲପୁର ପଶ୍ଚିମର ଶପଥ ଗ୍ରହଣ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ମହାସଂଗ୍ରାମରେ ଲୋକନାଥଙ୍କ ଅଗ୍ରଣୀ ଭୂମିକା ଥିଲା

ସମ୍ବଲପୁର,୮।୮ (ବି.ଶଙ୍କର)

**ଅଳ୍ପ ଜ୍ଞାତ ମହାପୁରୁଷ ଶୀର୍ଷକ ଆଲୋଚନାଚକ୍ର**

ବୀର ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ହୋଇଥିବା ସମ୍ବଲପୁର ମହାସଂଗ୍ରାମରେ ଶହୀଦ ଲୋକନାଥ ପଣ୍ଡାଙ୍କ ଭୂମିକା ଅଗ୍ରଣୀ ଥିଲା । କିନ୍ତୁ ତାଙ୍କ ସ୍ମୃତିରେ କିଛି କରାଯାଇ ନ ଥିବା ଦୁଃଖଦାୟକ । ଗୁରୁବାର ସାମ୍ବାଦିକ ଭବନରେ ଇନ୍‌ଟାକ ସମ୍ବଲପୁର ଚାପ୍ଟର ପକ୍ଷରୁ ଆୟୋଜିତ ଅଳ୍ପ ଜ୍ଞାତ ମହାପୁରୁଷଙ୍କ ଶୀର୍ଷକ ଚର୍ଚ୍ଚା ଓ ଲୋକନାଥ ପଣ୍ଡାଙ୍କ ୨୧୬ ତମ ଜୟନ୍ତୀରେ ବକ୍ତାମାନେ ଏହା କହିଛନ୍ତି।

ଇନ୍‌ଟାକ ସମ୍ବଲପୁର ଚାପ୍ଟର ଆବାହକ ପ୍ରଫେସର ତାରିଣୀ ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଆଲୋଚନାଚକ୍ରରେ ବକ୍ତବ୍ୟ ରଖି ଐତିହାସିକ ଦୀପକ କୁମାର ପଣ୍ଡା କହିଥିଲେ, ବୀର ସୁରେନ୍ଦ୍ର ସାଏଙ୍କୁ ମିଶାଇ ତାଙ୍କ ପରିବାରର ୫ ସଦସ୍ୟ ଓ ଲଖନପୁର ଜମିଦାର ପରିବାରର ୨ଜଣ ସଦସ୍ୟଙ୍କ ସହ ଲୋକନାଥ ପଣ୍ଡାଙ୍କୁ ଅଟକବନ୍ଦୀ ଭାବେ ଅସୀରଗଡ଼ ଦୁର୍ଗକୁ ପ୍ରେରଣ କରାଯାଇଥିଲା । ଏଥିରୁ ତାଙ୍କର ମହତ୍ତ୍ୱ ପ୍ରତିପାଦିତ ହେଉଛି। ସେ ସୁରେନ୍ଦ୍ର ସାଏଙ୍କ ବନ୍ଧୁ ତଥା ପରାମର୍ଶଦାତା ଥିଲେ। ରେଙ୍ଗାଲିଠାରୁ ମୁରା ଗ୍ରାମ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ତାଙ୍କ ନିୟନ୍ତ୍ରଣରେ ଥିଲା । ତତ୍ ପରବର୍ତ୍ତୀ ରାସ୍ତା କୁଡାବଗା ଓ ମଚିଦା ଜମିଦାରଙ୍କ ନିୟନ୍ତ୍ରଣରେ ରହିଥିଲା । ସମ୍ବଲପୁରର ବିଭିନ୍ନ ରାସ୍ତାକୁ ସଂଗ୍ରାମୀମାନେ ନିଜ ହାତମୁଠାରେ ରଖିଥିବାରୁ ଦୀର୍ଘ ସମୟ ଧରି ସମ୍ବଲପୁର ମହାସଂଗ୍ରାମ ଚାଲିପାରିଥିଲା। ପ୍ରକୃତ ପକ୍ଷେ ଅସୀରଗଡ ବନ୍ଦୀଙ୍କ ମଧ୍ୟରୁ ପ୍ରାଣ ହରାଇଥିବା ପ୍ରଥମ ସଂଗ୍ରାମୀ ହେଉଛନ୍ତି ଲୋକନାଥ ପଣ୍ଡା । ୧୮୬୯ ସେପ୍ଟେମ୍ବର ୧୯ ସନ୍ଧ୍ୟା ୭ଟା ୩୦ରେ ହୃଦ୍‌ଘାତରେ ତାଙ୍କର ପରଲୋକ ଘଟିଥିଲା । ୨୦ ତାରିଖରେ ଏହି ସୂଚନା ଚିଠି ସଂଖ୍ୟା ୧୦୫୦ରେ ଅସୀରଗଡ଼ର କମାଣ୍ଡାଣ୍ଟ ଇଷ୍ଟ ନିମାର ଜିଲା କର୍ତ୍ତୃପକ୍ଷଙ୍କୁ ଦେଇଥିଲେ । ମାତ୍ର ଦୀର୍ଘ ୨ବର୍ଷ ପରେ ୧୮୭୧ ସେପ୍ଟେମ୍ବର ୨୧ରେ ଇଷ୍ଟ ନିମାର ଜିଲା କର୍ତ୍ତୃପକ୍ଷ ପତ୍ର ସଂଖ୍ୟା ୩୦୧୧ରେ ଏ ବିଷୟ ସମ୍ବଲପୁର ଜିଲା ଡେପୁଟି କମିଶନରଙ୍କୁ ଜଣାଇଥିଲେ। ଏହା ଫଳରେ ପରିବାରବର୍ଗ ବହୁ ବିଳମ୍ବରେ ଏହି ସୂଚନା ପାଇଥିଲେ ବୋଲି ଐତିହାସିକ ପଣ୍ଡା କହିଥିଲେ।

ଶଶାଙ୍କ ପୁରୋହିତ କହିଥିଲେ ଯେ, ରମ୍ଭେଲା ଅଡ଼ାପଡ଼ା ଓ କୁମ୍ଭାରବନ୍ଧର ଗୌନ୍ତିଆ ଲୋକନାଥ ପଣ୍ଡାଙ୍କ ବିଷୟରେ କ୍ୱଚିତ ଲୋକ ଜାଣନ୍ତି । ତାଙ୍କ ବିଷୟରେ ଯେଭଳି ଆଲୋଚନା ହେବା କଥା ହୋଇନାହିଁ। ଡ. ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର କହିଥିଲେ, ସମ୍ବଲପୁର ସଂଗ୍ରାମରେ ବୀର ସୁରେନ୍ଦ୍ର ସାଏ ମହାନାୟକ ହୋଇଥିବା ବେଳେ ଲୋକନାଥ ପଣ୍ଡା ପାର୍ଶ୍ୱ ମହାନାୟକ । ବୀର ସୁରେନ୍ଦ୍ର ସାଏଙ୍କ ସହ ତାଙ୍କର ଏକ ଫଟୋ ଥିଲା । ଏଥିରୁ ନଟବର ପୂଜାରୀ ସୁରେନ୍ଦ୍ର ସାଏଙ୍କ ଫଟୋ ଉଠାଇଥିଲେ। ଏହି ଫଟୋ ଆଧାରରେ ସୁରେନ୍ଦ୍ର ଓ ଲୋକନାଥଙ୍କ ଚେହେରା ଆମ ସମ୍ମୁଖକୁ ଆସିପାରିଛି। ସଭାପତି ପ୍ରଫେସର ପଣ୍ଡା କହିଲେ, ଏଭଳି ଜଣେ ମହାନ୍ ବଳିଦାନୀଙ୍କ ସ୍ମୃତି ରକ୍ଷା କରାଯାଇ ନ ପାରିବା ଆମ ପାଇଁ କ୍ଷୋଭର ବିଷୟ। ଇବ୍ ପୋଲ ତାଙ୍କ ନାମରେ ନାମିତ ହେବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।



ଗୁରୁବାର ସାମ୍ବାଦିକ ଭବନରେ ଇନ୍‌ଟାକ ସମ୍ବଲପୁର ଚାପ୍ଟର ପକ୍ଷରୁ ଆୟୋଜିତ ଅଳ୍ପ ଜ୍ଞାତ ମହାପୁରୁଷଙ୍କ ଶୀର୍ଷକ ଚର୍ଚ୍ଚା ଓ ଲୋକନାଥ ପଣ୍ଡାଙ୍କ ୨୧୬ ତମ ଜୟନ୍ତୀରେ ବକ୍ତାମାନେ।

## ସଂକ୍ଷେପରେ

### କର୍ଲାମୁଣ୍ଡା ବ୍ଲକରେ ୫ ସିଆରସିସିଙ୍କୁ ନିଯୁକ୍ତି

**କର୍ଲାମୁଣ୍ଡା,୮।୮(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗର ବିଭିନ୍ନ କ୍ଲଷ୍ଟରରେ ନୂତନ ଭାବେ ୫ଜଣ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଛି। ସୂଚନା ମତେ ପ୍ରସନ୍ନ କୁମାର ସାହୁଙ୍କୁ କର୍ଲାମୁଣ୍ଡା କ୍ଲଷ୍ଟର, ଉଜ୍ଜ୍ୱଳ କୁମାର ସାହୁଙ୍କୁ ରେଙ୍ଗାଲି, ପ୍ରଭାରଞ୍ଜନ ବନଛୋରଙ୍କୁ ରେଗଡା, ଯୁଗଳ ନାଗଙ୍କୁ ଜୋରାଡବରା ଓ ଟୁକୁନୁ କୁମାରଙ୍କୁ ଗଜବାହଲ କ୍ଲଷ୍ଟରରେ ସିଆର୍‌ସିସି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବ୍ଲକରେ କାର୍ଯ୍ୟରତ ୨ ସିଆର୍‌ସିସିଙ୍କ ଅବଧି ସରି ନ ଥିବାରୁ ହେମନ୍ତ କୁମାର ନାଏକ ତେରେସିଙ୍ଗା ଓ ମିଲାପ କୁମାର ପୌରକେଲା କ୍ଲଷ୍ଟରରେ ରହିଛନ୍ତି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରେରଣା ଉତ୍ସବ

**କୋମନା, ୮।୮(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଡ଼ାମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ତଥା ପ୍ରେରଣା ଉତ୍ସବ ପାଳିତ ହୋଇଯାଇଛି। କୋମନା ବ୍ଲକ୍ ଅଧକ୍ଷା ଅନସୂୟା କୁମ୍ଭାର ମୁଖ୍ୟ ଅତିଥି ଓ କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ଡା. ଦୀପକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ରାଧେଶ୍ୟାମ ତାଣ୍ଡି, ଜଡ଼ାମୁଣ୍ଡା ସରପଞ୍ଚ ପ୍ରେମଶୀଳା ମାଝି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ ଅତିଥି ପରିଚୟ ଓ ଶିକ୍ଷକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

### ସୋଲାର ଲାଇଟ୍ ବ୍ୟାଟେରି ଚୋର ସକ୍ରିୟ



**ନୂଆପଡ଼ା,୮।୮ (ମକାରୁ ବେମାଲ):** ଆଲୋକୀକରଣ ସୁବିଧା ପାଇଁ ନୂଆପଡ଼ା ଜିଲାର ବିଭିନ୍ନ ଗାଁ ଛକ, ଜନଗହଳି ସ୍ଥାନରେ ପଞ୍ଚାୟତ ତରଫରୁ ସୋଲାର ଲାଇଟ ଲଗାଯାଇଛି। ଏହା ଦ୍ୱାରା ଦିନରେ ସୂର୍ଯ୍ୟ କିରଣରେ ଚାର୍ଜ ହୋଇ ରାତ୍ରିରେ ଆଲୋକ ଦେବା ସୁବିଧା ରହିଛି। ମେଘୁଆ ପାଗ ହେଲେ ବ୍ୟାଟେରି ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଲୋକେ ଉପକୃତ ହେଉଥିଲେ। ହେଲେ କିଛିଦିନ ହେବ କେତେଜଣ ଯୁବକ ବିଭିନ୍ନ ଗାଁକୁ ଯାଇ ବ୍ୟାଟେରି ଖୋଲିଆଣୁଛନ୍ତି। ଲୋକେ ପଚାରିଲେ ସେମାନେ ଉପରୁ ଆଦେଶ ଥିବା କରି ଭୂଆଁ ବୁଲାଉଛନ୍ତି। କୋମନା ବ୍ଲକ୍ ସିଆଲଲଟି ପଞ୍ଚାୟତ କରଗାଁଭଟା ଗାଁ ନାଏକପଡା, କଲୋନିପଡା, ସହ ତରବୋଡ ପଞ୍ଚାୟତ ଧରମପୁର ଗାଁରେ ଲାଗିଥିବା ସୋଲାର ଲାଇଟ ବ୍ୟାଟେରିକୁ ସମ୍ପୃକ୍ତ ଯୁବକମାନେ ଖୋଲିନେଇ ଯାଇଛନ୍ତି। ଅଧିକାଂଶ ଗାଁରେ ଏପରି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# କଳାହାଣ୍ଡି ଜିଲାରେ ଗଡ଼ିଲା କୌଶଳ ରଥ

**ଭବାନୀପାଟଣା,୮।୮ (ଉତ୍ତମ କୁମାର ଦାଶ)**



ଧର୍ମଗଡ଼ ଉପଜିଲାପାଳ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରୁଛନ୍ତି।

ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କଳାହାଣ୍ଡି ଜିଲାରେ ଗୁରୁବାରଠାରୁ କୌଶଳ ରଥ ଗଡିବା ଆରମ୍ଭ କରିଛି। ପ୍ରଥମ ଦିନରେ ଆମପାଣି ଆଶ୍ରମ ବିଦ୍ୟାଳୟ, ବୁଢାରଜା ଉଚ୍ଚ ବିଦ୍ୟାଳୟର ୧୨୦୦ ଛାତ୍ରୀଛାତ୍ର ରଥ ପରିଦର୍ଶନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ କାର୍ଯ୍ୟକ୍ରମ ଧର୍ମଗଡ଼ ପଞ୍ଚାୟତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସରକାରୀ ବାଳିକା ବିଦ୍ୟାଳୟ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟର ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ରଥ ପରିଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ଧର୍ମଗଡ଼ ଉପଜିଲାପାଳ ଧୀମାନ ଚକମା

### ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହନ ଲକ୍ଷ୍ୟ

ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏହାପରେ ଜୁନାଗଡ଼ସ୍ଥିତ କୁରୁଗୁଡ଼ା ଆଶ୍ରମ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଟିଆଇ ଜୁନାଗଡ଼, କୁରୁଗୁଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରିୟଦର୍ଶିନୀ ଇନ୍ଦିରା ମହାବିଦ୍ୟାଳୟର ପ୍ରାୟ ୧୫୦୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ ପରିଚାଳନା କରିଥିଲେ।

# ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ସମ୍ବର୍ଦ୍ଧନା



ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭବାନୀପାଟଣା,୮।୮(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ପ୍ରଥମ ଚଳଚ୍ଚିତ୍ର 'ସମର୍ପଣ' ୧୯୭୮ ମସିହାରେ ନିର୍ମିତ ହୋଇଥିଲା। ଜିଲାର ପ୍ରଖ୍ୟାତ ଲେଖକ ଓ ନିର୍ଦ୍ଦେଶକ ପ୍ରଫୁଲ୍ଲ ରଥ ଏହି ଚଳଚ୍ଚିତ୍ରର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦେଇଥିବା ବେଳେ କଳାହାଣ୍ଡିର ଅଭିନେତା ଜଗନ୍ନାଥ ମୁଣ୍ଡ, ଗିରିଶ ଚନ୍ଦ୍ର ପୁରୋହିତ, ରାମ ନାରାୟଣ ମୁଣ୍ଡ, ପୁରୁଷୋତ୍ତମ ବ୍ରହ୍ମା, ବଦ୍ରି ନାରାୟଣ ମହାପାତ୍ରଙ୍କ ସମେତ ଅଭିନେତା ଶରତ ପୂଜାରୀ ଓ ଅଭିନେତ୍ରୀ ତନ୍ଦ୍ରା ରାୟ ପ୍ରମୁଖ ଅଭିନୟ କରିଥିଲେ। ୪୬ ବର୍ଷ ପରେ ଜୁଲାଇ ୨୮ରେ ଭବାନୀପାଟଣା ଟାଉନ ହଲଠାରେ ସମର୍ପଣ ଚଳଚ୍ଚିତ୍ରର ପୁନଃ ପ୍ରଦର୍ଶନ ଆୟୋଜନ କରିଥିଲା କଳାହାଣ୍ଡି ବ୍ରାହ୍ମଣ ସମାଜ। ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ସମର୍ପଣ ଚଳଚ୍ଚିତ୍ରରେ ସମ୍ପୃକ୍ତ ୨୩ ଜଣ ଦିବଂଗତ କଳାକାର ସମେତ ୪୫ ଜଣ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳଚ୍ଚିତ୍ରର ନାୟିକା ଭୂମିକାରେ ଅଭିନୟ କରିଥିବା ତନ୍ଦ୍ରା ରାୟ ସ୍ୱାସ୍ଥ୍ୟଗତ କାରଣରୁ କାର୍ଯ୍ୟକ୍ରମରେ ଯୋଗ ଦେଇପାରି ନ ଥିଲେ। ତେଣୁ ସେ ପଠାଇଥିବା ଭିଡିଓ ବାର୍ତ୍ତା କାର୍ଯ୍ୟକ୍ରମରେ ପଠନ କରାଯାଇଥିଲା। ଗୁରୁବାର କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଓଡ଼ିଆ ଚଳଚ୍ଚିତ୍ର ପୁରସ୍କାର ବିଜେତା ସମ୍ପାଦକ ଅମରେନ୍ଦ୍ର ମହାପାତ୍ର ଭୁବନେଶ୍ୱରସ୍ଥିତ ବାସଭବନରେ ଅଭିନେତ୍ରୀ ତନ୍ଦ୍ରା ରାୟଙ୍କୁ ଉପଢୌକନ ଓ ପ୍ରୀତି ଉପହାର ପ୍ରଦାନ କରିଥିଲେ। କଳାହାଣ୍ଡି ଜନ ସାଧାରଣଙ୍କ ଭଲ ପାଇବା ଓ ସମର୍ପଣ ଚଳଚ୍ଚିତ୍ର ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି ବୋଲି କହି ସେ ଜିଲାବାସୀ ଓ ବ୍ରାହ୍ମଣ ସମାଜକୁ କୃତଜ୍ଞତା ଜଣାଇଛନ୍ତି।

# ଉନ୍ନୟନ କାର୍ଯ୍ୟ ବୁଲି ଦେଖିଲେ ଜିଲାପାଳ



କଫି ନର୍ସରି ବୁଲି ଦେଖୁଛନ୍ତି ଜିଲାପାଳ।

**ଥୁଆମୂଳ ରାମପୁର,୮।୮(ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ବୁଧବାର ଥୁଆମୂଳ ରାମପୁର ବ୍ଲକ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ। ଜିଲାପାଳ ମହୁଲପାଟଣା ଅଞ୍ଚଳର ସାନଛତରଙ୍ଗ ଜଳଭଣ୍ଡାର ଭିତରେ ପିଞ୍ଜରା ମାଛଚାଷ ଓ ମହୁଲପାଟଣ କଫି ନର୍ସରି ବୁଲି ଦେଖିଥିଲେ। ପରେ ସେ ସାନଛତରଙ୍ଗ ଓ ମହୁଲପାଟଣା ହାଇସ୍କୁଲକୁ ଯାଇ

### ହାଇସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇଲେ

ପିଲାଙ୍କୁ ପାଠ ପଢ଼ାଇଥିଲେ। ଥୁଆମୂଳ ରାମପୁରଠାରେ ନିର୍ମାଣାଧୀନ ମା' ମାଣିକେଶ୍ୱରୀ ମନ୍ଦିର କାମ ବୁଲି ଦେଖିବା ସହ ପଞ୍ଚାୟତ ସମିତି ସମୀକ୍ଷା ବୈଠକରେ ଯୋଗଦେଇ ଅଧିକାରୀ ଓ କର୍ମଚାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ମତ୍ସ୍ୟ ବିଭାଗ ଅଧିକାରୀ, ଜିଲା ମତ୍ସ୍ୟ ଅଧିକାରୀ, ପିଡି ୱାଟରସେଡ୍, ବିଡିଓ ଧ୍ରୁବଚରଣ ମୁଦୁଲି, ଏଇଇ ଦିଲୀପ କୁମାର ପଟେଲ, ଜେଇ ଦେବେନ୍ଦ୍ର କୁମାର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ହାଇସ୍କୁଲରେ ଜିଲାପାଳ ପିଲାମାନଙ୍କୁ ଗଣିତ, ଓଡ଼ିଆ ବିଷୟ ପଢ଼ାଇବା ସହ ଅନ୍ୟାନ୍ୟ ବ୍ୟବସ୍ଥାର ତଦାରଖ କରିଥିଲେ। ଶିକ୍ଷା ବ୍ୟବସ୍ଥାକୁ ସଜାଡ଼ିବା ପାଇଁ ଜିଲାପାଳଙ୍କ ଏଭଳି କାର୍ଯ୍ୟଶୈଳୀକୁ ପ୍ରଶଂସା କରାଯାଇଛି।

# ସମସ୍ତଙ୍କ ସହଯୋଗରେ ଡ୍ରପ୍ ଆଉଟ ସମସ୍ୟା ସମାଧାନ ହେବ

**ଜୁନାଗଡ଼, ୮।୮(ସୁନୀଲ କୁମାର ସିଂହ)**

ତାଲୁକ ଆଇନସେବା ସମିତି ତରଫରୁ ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସମିତି ଅଧକ୍ଷ ତଥା ବିଚାରପତି ଜେଏମ୍‌ଏଫ୍‌ସି,ସିଭିଲ ଜଜ୍ ଜୁନିୟର ଡିଭିଜନ ଦୀପେନ୍ଦ୍ର ସିଂହ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବିଇଓ ତପନ କୁମାର ମାଝି, ଅଶୋକ କୁମାର ପାତ୍ର, ଅଶୋକ କୁମାର ପଣ୍ଡା ଯୋଗଦେଇ ଡ୍ରପ୍ ଆଉଟ ଛାତ୍ରୀଛାତ୍ର ପୁନଃ ପାଠ ପଢ଼ିବା ପାଇଁ ପ୍ରବର୍ତ୍ତାଇଥିଲେ। ମୁଖ୍ୟ ଅତିଥି ବିଚାରପତି ରାଠୋର ସମସ୍ତଙ୍କ ସହଯୋଗରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମଳୟ ମୁଣ୍ଡ ଓ ଏନ୍‌ସିସି ଅଫିସର ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ କୁଳମଣି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ, ପଳସାପଡ଼ା ସେମିରେ



ଅତିଥିଙ୍କ ସହ ଖେଳାଳିମାନେ।

**ଖଡ଼ିଆଳ,୮।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ୧୫ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ଯୁବରାଜ ଦେବଦେବ ପ୍ରସାଦ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଡ଼ିଆଳ ଏନ୍‌ଏସିର ପୂର୍ବତନ ଅଧକ୍ଷ ନିମାଇଁ ଚରଣ ତାଣ୍ଡି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ସିନାପାଲି ବ୍ଲକର ପଳସାପଡ଼ା ଓ ବଲାଙ୍ଗୀର ଜିଲାର ବଙ୍ଗୋମୁଣ୍ଡା ମଧ୍ୟରେ ହୋଇଥିଲା। ପଳସାପଡ଼ା ଦଳ ୨-୦ ଗୋଲ ସ୍କୋର କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବରେ ସୁଶାନ୍ତ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ପୂରନ କରୁଆଁ, ନିଲୁ ଭୋଇ ସହାୟତା କରିଥିଲେ। ନନ୍ଧୁ ସାହୁ, ଟୁନା ନାୟକ, ପୁଣ୍ୟତୋଷ ମୁଣ୍ଡ ଧାରାବିବରଣୀ ପ୍ରଦାନ କରିଥିଲେ।

# ପ୍ରଶାସନ ପକ୍ଷରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ଅଭିଯାନ

**ଲାଞ୍ଜିଗଡ,୮।୮(ରମେଶ ଚନ୍ଦ୍ର ନାୟକ)**




ଅଭିଯାନର ଶୁଭାରମ୍ଭ ଅବସରରେ ଅଧିକାରୀ ଓ ଅନ୍ୟମାନେ।

ବର୍ତ୍ତମାନ ଜୀବଜଗତ ପାଇଁ ନଷ୍ଟ ହେଉ ନ ଥିବା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି କଳାହାଣ୍ଡି ଜିଲା ପ୍ରଶାସନର ନିର୍ଦ୍ଦେଶରେ ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ଘରକୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମୁକ୍ତ କରିବାକୁ ଅଭିଯାନ ଆରମ୍ଭ ହୋଇଛି। ବିଶ୍ୱନାଥପୁର ଗ୍ରାମ ପଞ୍ଚାୟତରେ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର ଗୁରୁବାର ଏହି ଅଭିଯାନର ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନରେ ବ୍ଲକର ପ୍ରତି ପଞ୍ଚାୟତର ପ୍ରତି ଘରକୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ମୁକ୍ତ କରିବାକୁ ସଂକଳ୍ପ ନିଆଯାଇଛି। ବ୍ଲକର ବାତେଲିମା, ଚମ୍ପାଦେଇପୁର, ଜଗନ୍ନାଥପୁର, କଦମ୍ବଗୁଡା, କୁମଖାଲ, ଭଟାଙ୍ଗପଦର, ଗୁଣ୍ଡୁରୀ, ବେନଗାଁ, ମାଳିଯୁବାଙ୍ଗ, ତ୍ରିଲୋଚନପୁର, ପୋଖରୀବନ୍ଧ ଆଦି ପଞ୍ଚାୟତରେ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜକ ଅନନ୍ତ ସରାଫଙ୍କ ସମେତ ଅନ୍ୟମାନେ ଏହାର ତଦାରଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ଫଳଚାରା ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରାଇବ

**ଖଡ଼ିଆଳ,୮।୮(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ବାଦୀ ଗ୍ରାମ ପଞ୍ଚାୟତ ପଦ୍ମପୁର ଗ୍ରାମଠାରେ ଫଳ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫଳଚାରା ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରାଇବାରେ ସହାୟକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଅଜିତ କୁମାର ପଣ୍ଡା, ଜିଲା ସେବା ସଂଯୋଜକ ପ୍ରଦୀପ କୁମାର ତାଣ୍ଡି, ଯାର ସଭାପତି ମହେନ୍ଦ୍ର ଜୋଷୀ ଓ ସମ୍ପାଦକ ହରିଦାସ ପଟେଲଙ୍କ ସମେତ ଶତାଧିକ ଚାଷୀ ଯୋଗଦେଇଥିଲେ। ବାସୁଦେବ ପଣ୍ଡା ଫାଉଣ୍ଡେଶନ ଓ ସଷ୍ଟେନେବଲ ଗ୍ରୀନ୍ ଇନିସିଏଟିଭ ସହାୟତାରେ କାର୍ଯ୍ୟକ୍ରମ ହୋଇଥିଲା। ଚାଷୀଙ୍କୁ ଲେମ୍ବୁ, ପିଜୁଳି, ପଣସ, ଆତ, ଆମ୍ବ, ଡାଳିମ୍ବ ଆଦି ଚାରା ବଣ୍ଟନ କରାଯାଇଥିଲା।

# ଚାଷ ବିବିଧିକରଣ କର୍ମଶାଳା

**ସିନାପାଲି,୮।୮(ମନଫୁଲ ମେହେର)**

ସିନାପାଲିସ୍ଥିତ ଅଗ୍ରସେନ ଭବନଠାରେ ବୃହତ୍ ଉଠା ଜଳସେଚିତ ଅଞ୍ଚଳରେ ଚାଷ ବିବିଧିକରଣ କର୍ମଶାଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବରେ ଜିଲା ମୁଖ୍ୟ କୃଷି ଅଧିକାରୀ ବାବୁଲି ଚରଣ ସେଠୀ ଯୋଗଦାନ କରିଥିଲେ। ଗୋଷ୍ଠୀ କୃଷି ଅଧିକାରୀ ଦୀପ୍ତିମୟୀ ବାରିକ, ଯୋଜନା ଅଧିକାରୀ ଦୀପାଶ୍ରୀ ମଣ୍ଡଳ, ଜିଲା ସଂଯୋଜକ ସୌମ୍ୟ ପଣ୍ଡା, ସମ୍ପାଦକ ଲୋକଦୃଷ୍ଟି ଅବନୀ ମୋହନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବ୍ଲକର ଚାରିଗୋଟି ଉତ୍ପାଦ ଗୋଷ୍ଠୀ ଯଥା ଉଦନ୍ତୀ କୃଷକ ଉତ୍ପାଦ କମ୍ପାନୀ, ପଲ୍ଲୀଜାଗରଣ କୃଷି ଉତ୍ପାଦ ଗୋଷ୍ଠୀ, ପଲ୍ଲୀ ଜାଗରଣ ଅନୁଷ୍ଠାନ, କୃଷକ ବନ୍ଧୁ କୃଷି ଉତ୍ପାଦକ କମ୍ପାନୀ ସାମିଲ ଥିଲେ। କର୍ମଶାଳାରେ ଉଠା ଜଳସେଚନ ଅଞ୍ଚଳରେ ଚାଷ ବିବିଧିକରଣ କ'ଣ ଏବଂ ଏହା ହେବା ଦ୍ୱାରା ଚାଷୀମାନଙ୍କ କିପରି ଉନ୍ନତି ହେବ ଏହା ଉପରେ ଆଲୋଚନା କରାଯାଇଥିଲା। ଏହାସହିତ ଜୈବିକ ସାର ପ୍ରସ୍ତୁତି ଓ ବ୍ୟବହାର, ଖାଦ୍ୟ ପ୍ରକ୍ରିୟାକରଣ, ଚାଷ ପାଇଁ ଉପକରଣର ଉପକାରିତା, ପ୍ରଧାନମନ୍ତ୍ରୀ ଫସଲ ବୀମା ଆଦି ଉପରେ ବିଶେଷ ଆଲୋଚନା ହୋଇଥିଲା।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

# ଧୋଇଗଲା ବାଇପାସ୍ ରାସ୍ତା

### ଲଘୁଚାପଜନିତ ବର୍ଷା

**କେସିଙ୍ଗା,୮।୮ (ତୁମେଶ୍ୱର ସାହୁ)**



ବାଇପାସ୍ ରାସ୍ତା ଧୋଇଯାଇଛି।

ଲଘୁଚାପଜନିତ ବର୍ଷାରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଅନ୍ତର୍ଗତ କାଣ୍ଡେଲ-ଜୋଲକୋ ରାସ୍ତାର ବରଘାଟ ନିକଟରେ ନିର୍ମାଣାଧୀନ ବାଇପାସ୍ ରାସ୍ତା ଧୋଇଯାଇଛି। ଫଳରେ କାଣ୍ଡେଲ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ସୂଚନା ଅନୁସାରେ ଟୁଟିଙ୍ଗପଦର ରେଙ୍ଗାଲିଠାରୁ କାଣ୍ଡେଲ ଦେଇ ୨୬ନଂ. ଜାତୀୟ ରାଜପଥର କେସିଙ୍ଗା ଓ ଭବାନୀପାଟଣାକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦିଆଯାଇଛି। ଠିକାସଂସ୍ଥା ନୂଆ ବ୍ରିଜ୍ ନିର୍ମାଣ ଆଳରେ ପୁରୁଣା ବ୍ରିଜ୍‌କୁ ଭାଙ୍ଗି ବାଇପାସ୍ ରାସ୍ତା କରିଥିଲା। ହେଲେ ଲଘୁଚାପଜନିତ ବର୍ଷାରେ ବାଇପାସ୍ ରାସ୍ତା ଧୋଇଯାଇଛି। ଫଳରେ ପ୍ରାୟ ୮ ଖଣ୍ଡ ଗାଁର ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଖିଶ୍ୟାମ ନାୟକଙ୍କୁ ପଚାରିବାରୁ ଲଘୁଚାପଜନିତ ବର୍ଷାରେ ନିର୍ମାଣାଧୀନ ବାଇପାସ୍ ରାସ୍ତା ଧୋଇଯାଇଛି। ବର୍ଷା କମିଗଲେ ପୁଣି ରାସ୍ତା ନିର୍ମାଣ ସହ ଯୁଦ୍ଧକାଳୀନ ଭିତ୍ତିରେ ବ୍ରିଜ୍ କାମ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### କର୍ଲାମୁଣ୍ଡା ବ୍ଲକରେ ୫ ସିଆର୍‌ସିସିଙ୍କୁ ନିଯୁକ୍ତି

କର୍ଲାମୁଣ୍ଡା,୮।୮(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗର ବିଭିନ୍ନ କ୍ଲଷ୍ଟରରେ ନୂତନ ଭାବେ ୫ଜଣ ସିଆର୍‌ସିସିଙ୍କୁ ନିଯୁକ୍ତି ଦିଆଯାଇଛି। ସୂଚନା ମତେ ପ୍ରସନ୍ନ କୁମାର ସାହୁଙ୍କୁ କର୍ଲାମୁଣ୍ଡା କ୍ଲଷ୍ଟର, ଉଜ୍ଜ୍ୱଳ କୁମାର ସାହୁଙ୍କୁ ରେଙ୍ଗାଲି, ପ୍ରଭାରଞ୍ଜନ ବନଛୋରଙ୍କୁ ରେଗଡା, ଯୁଗଳ ନାଗଙ୍କୁ ଜୋରାଡବରା ଓ ଟୁକୁନୁ କୁମାରଙ୍କୁ ଗଜବାହଲ କ୍ଲଷ୍ଟରରେ ସିଆର୍‌ସିସି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ବ୍ଲକରେ କାର୍ଯ୍ୟରତ ୨ ସିଆର୍‌ସିସିଙ୍କ ଅବଧି ସରି ନ ଥିବାରୁ ହେମନ୍ତ କୁମାର ନାଏକ ତେରେସିଙ୍ଗା ଓ ମିଲାପ କୁମାର ପୌରକେଲା କ୍ଲଷ୍ଟରରେ ରହିଛନ୍ତି।

### ସୋଲାର ଲାଇଟ୍ ବ୍ୟାଟେରି ଚୋର ସକ୍ରିୟ

ନୂଆପଡ଼ା,୮।୮ (ମକାରୁ ବେମାଲ)

ଆଲୋକୀକରଣ ସୁବିଧା ପାଇଁ ନୂଆପଡ଼ା ଜିଲାର ବିଭିନ୍ନ ଗାଁ ଛକ, ଜନଗହଳି ସ୍ଥାନରେ ପଞ୍ଚାୟତ ତରଫରୁ ସୋଲାର ଲାଇଟ ଲଗାଯାଇଛି। ଏହା ଦ୍ୱାରା ଦିନରେ ସୂର୍ଯ୍ୟ କିରଣରେ ଚାର୍ଜ ହୋଇ ରାତ୍ରିରେ ଆଲୋକ ଦେବା ସୁବିଧା ରହିଛି। ମେଘୁଆ ପାଗ ହେଲେ ବ୍ୟାଟେରି ବ୍ୟବସ୍ଥା କରାଯାଇଛି। ଏହା ଦ୍ୱାରା ଲୋକେ ଉପକୃତ ହେଉଥିଲେ। ହେଲେ କିଛିଦିନ ହେବ କେତେଜଣ ଯୁବକ ବିଭିନ୍ନ ଗାଁକୁ ଯାଇ ବ୍ୟାଟେରି ଖୋଲିଆଣୁଛନ୍ତି। ଲୋକେ ପଚାରିଲେ ସେମାନେ ଉପରୁ ଆଦେଶ ଥିବା କରି ଭୁଆଁ ବୁଲାଉଛନ୍ତି। କୋମନା ବ୍ଲକ ସିଆଲଟି ପଞ୍ଚାୟତ କରଙ୍ଗାଭଟା ଗାଁ ନାଏକପଡା, କଲୋନିପଡା, ସହ ତରବୋଡ ପଞ୍ଚାୟତ ଧରମପୁର ଗାଁରେ ଲାଗିଥିବା ସୋଲାର ଲାଇଟ ବ୍ୟାଟେରିକୁ ସମ୍ପୃକ୍ତ ଯୁବକମାନେ ଖୋଲିନେଇ ଯାଇଛନ୍ତି। ଅଧିକାଂଶ ଗାଁରେ ଏପରି ହୋଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

କୋମନା, ୮।୮(ସୋବିନ ଛତ୍ରିଆ)

ନୂଆପଡ଼ା ଜିଲା କୋମନା ବ୍ଲକ୍ ଜଡ଼ାମୁଣ୍ଡା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ତଥା ପ୍ରେରଣା ଉତ୍ସବ ପାଳିତ ହୋଇଯାଇଛି। କୋମନା ବ୍ଲକ୍ ଅଧକ୍ଷା ଅନସୂୟା କୁମ୍ଭାର ମୁଖ୍ୟ ଅତିଥି ଓ କୋମନା ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧକ୍ଷ ଡା. ଦୀପକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ରାଧେଶ୍ୟାମ ତାଣ୍ଡି, ଜଡ଼ାମୁଣ୍ଡା ସରପଞ୍ଚ ପ୍ରେମଶୀଳା ମାଝି ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ ଅତିଥି ପରିଚୟ ଓ ଶିକ୍ଷକ ସନ୍ତୋଷ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ୧୦ରୁ ସାମୂହିକ ଔଷଧ ସେବନ

## ସୁବର୍ଣ୍ଣପୁର ଜିଲାରେ ଫାଇଲେରିଆ ନିରାକରଣ ଅଭିଯାନ

ସୋନପୁର, ୮।୮(ମୃତ୍ୟୁଞ୍ଜୟ ଶତପଥୀ)



ଖବରଦାତା ସମ୍ମିଳନୀରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ।

ଫାଇଲେରିଆ ନିରାକରଣ ଅଭିଯାନ ଅଧିନରେ ସୁବର୍ଣ୍ଣପୁର ଜିଲାରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଫାଇଲେରିଆ ରୋଗର ନିୟନ୍ତ୍ରଣ ଓ ନିରାକରଣ ନିମନ୍ତେ ଆସନ୍ତା ୧୦ ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଜିଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଚାଲିବ। ଆଶା ଓ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ଯାଇ ରୋଗକୁ ନେଇ ସଚେତନତା ସୃଷ୍ଟି କରିବେ। ବୟସ ଓ ଉଚ୍ଚତା ଅନୁସାରେ ଫାଇଲେରିଆ ପାଇଁ ଆଲବେଣ୍ଡାଜଲ, ଡିଇସି ଓ ଆଇବରମେକଟିନ ବଟିକା ଖୁଆଇବେ। ଏହି ଔଷଧ ସମ୍ପୂର୍ଣ୍ଣ ନିରାପଦ ଥିବା ଏବଂ ଖାଦ୍ୟ ଖାଇବା ପରେ ଔଷଧ ସେବନ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୁର୍ଗାଦତ୍ତ ଦାସ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଏହି ଔଷଧ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା, ଅତିଶୟ ଗୁରୁତର ରୋଗରେ ପୀଡିତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ସେବନ କରିବେ। ଜିଲାରେ ଗତବର୍ଷ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପରେ ଏହି ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ଦିଆଯାଇଛି। କ୍ୟୁଲେକ୍ସ ମଶା ଏହି ରୋଗର ବାହକ। ଏହି ରୋଗ ସଂକ୍ରମଣ ହେବାର ଅନେକ ବର୍ଷ ପରେ ଯାଇ ହାଇଡ୍ରୋସିଲ ଓ ଗୋଦରଗୋ ଆଦି ଲକ୍ଷଣ ରୂପରେ ପ୍ରକାଶ ପାଇଥାଏ। ତେଣୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ଜିଲାରେ ଶତ ପ୍ରତିଶତ ସଫଳ କରିବା ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମ୍ପୃକ୍ତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ସାମୂହିକ ଔଷଧ ସେବନର ନିର୍ଦ୍ଧାରିତ ୫ ବର୍ଷ ଅବଧି ମଧ୍ୟରେ ଜିଲାରୁ ଏହି ରୋଗର ମୂଳୋତ୍ପାଟନ ଉପରେ କାର୍ଯ୍ୟ କରିବାକୁ ଡାକ୍ତର ଦାଶ ଗୁରୁତ୍ୱାରୋପ କରିଛନ୍ତି। ଜିଲାର ସମସ୍ତ ଗ୍ରାମ ଓ ସହରାଞ୍ଚଳର ଯୋଗ୍ୟ ଲୋକଙ୍କୁ ଔଷଧ ସେବନ କରାଯିବ। ତୃଣମୂଳସ୍ତରରେ ଘରକୁ ଘର ଯାଇ ଔଷଧ ସେବନ କରିବା ନିମନ୍ତେ ୨୬୩୯ ଜଣ ଔଷଧ ସେବନ କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏହାର ତଦାରଖ କରିବା ନିମନ୍ତେ ୨୨୬ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଥିବା ସସ୍ୱାସ୍ଥ୍ୟ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଏବଂ ବ୍ୟବସ୍ଥିତ କରିବା ପାଇଁ ରାପିଡ଼ ରେସପନ୍ସ ଟିମ ଗଠନ କରାଯାଇଛି। କାର୍ଯ୍ୟକ୍ରମକୁ ସୁରୁଖୁରୁରେ ସମାପନ କରିବା ନିମନ୍ତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟ ଶ୍ୟାମ ରଥ ଏବଂ ଯୁଗ୍ମ ନିର୍ଦ୍ଦେଶକ ମେଲେରିଆ ଡ ସୁଭାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଦୈତ୍ୟ ନାରାୟଣ ପାଢ଼ୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ମନୋଜ କୁମାର ଅଦାବର, ରମେଶ ଚନ୍ଦ୍ର ସ୍ୱାଇଁ, ଗୋପାଳ ଚନ୍ଦ୍ର ମଲ୍ଲିକ, ଏନ୍‌ଏଚ୍‌ଏମ୍ ଡିପିଏମ ବିଶ୍ୱମ୍ଭର ବେହେରା, ଭେକଟର ବାହିତ ରୋଗ ପରାମର୍ଶଦାତା ଚନ୍ଦ୍ର ଶେଖର ମିଶ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ ବୃନ୍ଦାବନ ସାହୁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ବକେୟା ଦରମା ପ୍ରଦାନ ଦାବି

## ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ସଂଗ୍ରହାଳୟ କର୍ମଚାରୀ

ବୌଦ୍ଧ, ୮।୮(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପାଇଁ ପରିଚୟ ସୃଷ୍ଟି କରୁଥିବା ଜିଲା ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଦାୟିତ୍ୱରେ ରହିଥିବା ୮ଜଣ ଅସ୍ଥାୟୀ କର୍ମଚାରୀ ଗତ ମାର୍ଚ୍ଚ ମାସଠାରୁ ଏପର୍ଯ୍ୟନ୍ତ ୫ ମାସର ପାରିଶ୍ରମିକ ପାଇ ନାହାନ୍ତି। ଗୁରୁବାର ବକେୟା ଦରମା ପ୍ରଦାନ କରିବାକୁ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ୨୦୨୧ ମସିହାରେ ବୌଦ୍ଧ ରାଜାଙ୍କ ପୁରୁଣା କଚେରୀ କୋଠାକୁ ଶହେବର୍ଷ ପୂର୍ତ୍ତି ହୋଇଥିବାବେଳେ ଏହାକୁ ଜିଲାର ସ୍ୱନକ୍ଷତ୍ର ଦିବସରେ ଜିଲା ସଂଗ୍ରହାଳୟ ଭାବରେ ଉଦ୍‌ଘାଟନ କରାଯାଇଥିଲା। ସଂଗ୍ରହାଳୟରେ ରାଜ ପରିବାର ଦ୍ୱାରା ବ୍ଯବହୃତ ଅନେକ ସାମଗ୍ରୀ ସହିତ ପୁରୁଣା ଅଳଙ୍କାର, ମୁଦ୍ରା, ପୋଥି ଏବଂ ବହୁ ପୁରାତନ ସାମଗ୍ରୀ ସବୁ ସଂରକ୍ଷିତ କରାଯାଇଥିଲା। ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ସଂଗ୍ରହାଳୟ ପରିଦର୍ଶନ କରି ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଜିଲା ସଂଗ୍ରହାଳୟରେ ସଂରକ୍ଷିତ ସାମଗ୍ରୀ ଗୁଡିକର ରକ୍ଷଣାବେକ୍ଷଣ ପାଇଁ ୮ ଜଣ କର୍ମଚାରୀଙ୍କୁ ଅସ୍ଥାୟୀ ଭାବରେ ନିୟୋଜିତ କରାଯାଇଥିଲା। ଏହି କର୍ମଚାରୀମାନଙ୍କୁ ଠିକ୍ ସମୟରେ ପାରିଶ୍ରମିକ ମିଳୁ ନ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ଗତ ମାର୍ଚ୍ଚଠାରୁ ସେମାନଙ୍କୁ କୌଣସି ପାରିଶ୍ରମିକ ପ୍ରଦାନ କରାଯାଇ ନ ଥିବା ଜଣାଯାଇଛି। ଏହି କର୍ମଚାରୀମାନେ ଅର୍ଥାଭାବରେ ପରିବାର ପ୍ରତିପୋଷଣରେ ଅନେକ ସମସ୍ୟାର ସମ୍ମୁଖିନ ହେଉଥିବା ନେଇ ଅଭିଯୋଗ କରିବା ସହିତ ତୁରନ୍ତ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ଜିଲାପାଳ ଜେ. ସୋନାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ଏହି ସଂଗ୍ରହାଳୟ ଜିଲାକୁ ଆସୁଥିବା ଅତିଥି ଓ ପର୍ଯ୍ୟଟକଙ୍କ ପାଇଁ ଏକ ପ୍ରମୁଖ ଆକର୍ଷଣ ପାଲଟିଥିବାବେଳେ ସଂଗ୍ରହାଳୟ ପରିଚାଳନାରେ ଆର୍ଥିକ ସମସ୍ୟା ଦେଖାଦେଇଛି। ତେଣୁ ସଂଗ୍ରହାଳୟର ପରିଚାଳନା ଦାୟିତ୍ୱ ରାଜ୍ୟ ସଂସ୍କୃତି ବିଭାଗ ଅଧିନକୁ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସିଛନ୍ତି। ରାଜ୍ୟ ସରକାର ତଥା ସ୍ଥାନୀୟ ରାଜନୈତିକ ବ୍ୟକ୍ତି ବିଶେଷ ଓ ପ୍ରଶାସକ ସକାରାତ୍ମକ ମନୋଭାବ ନେଇ ସଂଗ୍ରହାଳୟ ପରିଚାଳନା ନେଇ ଚିନ୍ତା କଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ଡ୍ରାଇଭର, କଣ୍ଡକ୍ଟରଙ୍କୁ ସଚେତନ କଲା ପ୍ରଶାସନ


ବସଷ୍ଟାଣ୍ଡ ପରିସରରେ ଅନୁଷ୍ଠିତ ସଚେତନ କାର୍ଯ୍ୟକ୍ରମ।

## ଦୁର୍ଘଟଣା ହ୍ରାସ ଉପରେ ଗୁରୁତ୍ୱ

ସୋନପୁର, ୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ସଡକ ଦୁର୍ଘଟଣାକୁ ହ୍ରାସ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଜିଲା ସଡକ ସୁରକ୍ଷା କମିଟି ତରଫରୁ ସୋନପୁର ବସ୍‌ଷ୍ଟାଣ୍ଡ ପରିସରରେ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଞ୍ଚଳିକ ପରିବହନ ବିଭାଗ, ଜିଲା ସଡକ ସୁରକ୍ଷା କମିଟି ଓ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହଯୋଗ କରାଯାଇଥିଲା। ଗାଡି ଚାଳନା ଓ ପରିଚାଳନା ନିମନ୍ତେ ବସ୍ ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ଆରଟିଓ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମରେ ଯୋଗଦେଇ ସଡକ ସୁରକ୍ଷା ଓ ଗାଡି ଚାଳନାର ଆବଶ୍ୟକ ନିୟମାବଳୀ ସମ୍ପର୍କରେ ବୁଝାଇଥିଲେ। ଜିଲା ସଡ଼କ ସୁରକ୍ଷା କମିଟି ସଦସ୍ୟ, ଡ୍ରାଇଭର, କଣ୍ଡକ୍ଟର, ବସ ମାଲିକ ସଂଘ କର୍ମକର୍ତ୍ତା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଏହି ଅବସରରେ ଉପସ୍ଥିତ ଥିଲେ।

# ଲେଖାପଢ଼ା ଜାଣି ନ ଥିବାରୁ ସରପଞ୍ଚ ପଦ ରଦ୍ଦ

## ପଦ ହରାଇଲେ ନିମ୍ନା ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ

ଅମରପାଲି/ଉଲୁଣ୍ଡା,୮।୮
(ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନିମ୍ନା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ପଦ ହରାଇଛନ୍ତି। ଗୁରୁବାର ବୀରମହାରାଜପୁର ଦେୱାନି ଅଦାଲତ ନ୍ୟାୟଧୀଶ ରାଜଶ୍ରୀ ପଟ୍ଟନାୟକ ଏହି ମାମଲାର ବିଚାର କରି ସରପଞ୍ଚ ଲେଖାପଢା ଜାଣି ନ ଥିବାରୁ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁସାରେ ଗତ ନିର୍ବାଚନରେ ନିମ୍ନା ପଞ୍ଚାୟତରେ ସରପଞ୍ଚ ପଦ ଅନୁସୂଚିତ ଜାତି (ମହିଳା) ପାଇଁ ସଂରକ୍ଷିତ ଥିଲା। ସୂର୍ଯ୍ୟକାନ୍ତି ବିଜୟୀ ହୋଇଥିବା ବେଳେ ପ୍ରମୋଦିନୀ ଝାଙ୍କର ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ସୂର୍ଯ୍ୟକାନ୍ତୀ ଲେଖାପଢା ଜାଣି ନଥିଲେ ହେଁ ସତ୍ୟପାଠରେ ନବମ ପଢ଼ିଥିବା ମିଥ୍ୟାରେ ଉଲ୍ଲେଖ କରିଥିବା ପ୍ରମୋଦିନୀ ଅଭିଯୋଗ କରିଥିଲେ। ବିଚାର ସମୟରେ ସୂର୍ଯ୍ୟକାନ୍ତୀ ପଞ୍ଚମ ପାସ ପ୍ରମାଣ ପତ୍ର ଦାଖଲ କରିଥିଲେ। ମାତ୍ରେ ସେ ଲେଖି ପଢ଼ି ଜାଣି ନ ଥିବାରୁ କୋର୍ଟ ତାଙ୍କ ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି ଏବଂ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ପ୍ରମୋଦିନୀ ଝଙ୍କାରଙ୍କୁ ସରପଞ୍ଚ ପଦ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁରେନ୍ଦ୍ର ତ୍ରିପାଠୀ ଓ ସୁବ୍ରତ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଠେଙ୍ଗୋଡ୍ୟାମ୍‌ରୁ ପ୍ରଥମ ବନ୍ୟାଜଳ ନିଷ୍କାସନ


ଠେଙ୍ଗୋ ଡ୍ୟାମରୁ ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଉଛି।

## ଗୋଟିଏ ଗେଟ ଦେଇ ୨ଘଣ୍ଟା ପାଣି ଛଡ଼ାଗଲା

ଅମରପାଲି, ୮।୮(ପୀତମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଲା ପଞ୍ଚାୟତରେ ଥିବା ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ(ଠେଙ୍ଗୋ ଡ୍ୟାମ)ରୁ ଗୁରୁବାର ବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ କରାଯାଇଛି।ଗୁରୁବାର ପୂର୍ବାହ୍ନରେ ପୂଜାର୍ଚ୍ଚନା କଲା ପରେ ଗୋଟିଏ ଗେଟ୍ ଖୋଲା ଯାଇଥିଲା। ଗେଟ୍ ଖୋଲିଲା ବେଳେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ଜେନା, ସହକାରୀ ଯନ୍ତ୍ରୀ ସମୀର କାନ୍ତ ସିଂ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧.୩୦ରେ ଏହାର ଗେଟ ଖୋଲା ଯାଇଥିଲା। ପ୍ରାୟ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବନ୍ୟା ଜଳ ନିଷ୍କାସନ କରାଯାଇଥିଲା। ଅପରାହ୍ନ ୧ଟା୩୦ରେ ପୁଣି ଗେଟ ବନ୍ଦ କରି ଦିଆଯାଇଥିଲା। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ହରିହର ଯୋରର ଉପର ମୁଣ୍ଡରୁ ଡ୍ୟାମ ମଧ୍ୟକୁ ଅଧିକ ବନ୍ୟାଜଳ ପ୍ରବେଶ କରୁଥିଲା। ତେବେ ଡ୍ୟାମର ଜଳ ଧାରଣ କ୍ଷମତାକୁ ଦେଖି ବନ୍ୟା ଜଳ ନିଷ୍କାସନ କରାଯାଇଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ହରିହର ଯୋର ମଧ୍ୟମ ଜଳ ସେଚନ ପ୍ରକଳ୍ପ ( ଠେଙ୍ଗୋ ଡ୍ୟାମ) ରେ ଜଳ ଧାରଣା କ୍ଷମତା ୧୪୭.୫ ମିଟର ହୋଇଥିବା ବେଳେ ବର୍ତ୍ତମାନ୧୪୫.୫ ମିଟର ପାଣି ରହିଛି। ବିଭାଗ ତରଫରୁ ମିଳିଥିବା ତଥ୍ୟ ଅନୁସାରେ ବର୍ତ୍ତମାନ ଡ୍ୟାମ ମଧ୍ୟକୁ ଘଣ୍ଟାକୁ ପ୍ରାୟ ୯ଶହ ରୁ ୧୧ ଶହ କ୍ୟୁସେକ୍ସ ବନ୍ୟା ପାଣି ପ୍ରବେଶ କରୁଛି। ତେବେ ଆଗକୁ ସ୍ଥିତି ଦେଖି ବନ୍ୟାପାଣି ନିଷ୍କାସନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

# ଘରେ ପଶି ସୁନାଗହଣା ଲୁଟିଲେ

ବୌଦ୍ଧ, ୮।୮(ଅଜିତ ବାରିକ)

ବୌଦ୍ଧ ଜିଲ୍ଲା ପୁରୁଣାକଟକ ଥାନା ଅଧୀନ ଖଣ୍ଡହତା ଗ୍ରାମର ଅଶୋକ ପ୍ରଧାନଙ୍କ ଘରୁ ଚୋରି ହୋଇଛି। ବୁଧବାର ବିଳମ୍ବିତ ରାତିରେ ଘରେ ସମସ୍ତେ ଶୋଇଥିବା ବେଳେ ଚୋରମାନେ ଘରେ ପଶିଥିଲେ। ଏକ ଟିଣ ବକ୍ସରେ ଥିବା ୨ଟି ସୁନା ମାଳି, ୪ଟି କାନଫୁଲ, ଗୋଟିଏ ଚେନ ଓ ୩ ଟି ସୁନା ଲକେଟ ଏହିପରି ୪ରି ଭରି ଓଜନର ସୁନା ନେଇ ବକ୍ସକୁ ଘର ଆଗରେ ଫିଙ୍ଗି ଚାଲି ଯାଇଥିଲେ। ସକାଳୁ ଉଠିଲା ପରେ ବାହାରେ ବକ୍ସକୁ ଦେଖି ଅଶୋକ ପୁରୁଣାକଟକ ଥାନାରେ ଅଭିଯୋଗ କରିଥିଲେ। ବୌଦ୍ଧ ଏସ୍‌ଡିପିଓ କୁଳଦୀପ ମୀନା, ପୁରୁଣାକଟକ ଥାନା ଅଧିକାରୀ ସାରଦା ଦାସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ନେଇ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଖୁବ୍‌ଶୀଘ୍ର ଚୋରଙ୍କୁ କାବୁ କରାଯିବ ବୋଲି ପୋଲିସ କହିଛି।

# ସୁବର୍ଣ୍ଣପୁରରେ ପୋଲିସ ଓ ପ୍ରଶାସନ ସମନ୍ୱୟ ବୈଠକ

ସୋନପୁର, ୮।୮(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ପୋଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଅଧକ୍ଷତା କରିଥିଲେ। ସରକାରଙ୍କ ଦ୍ୱାରା ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ସ୍ୱଚ୍ଛତାର ସହ ସମ୍ପାଦନ କରିବାକୁ ମାଝୀ ପରାମର୍ଶ ଦେଇଛନ୍ତି। ଜିଲା ପ୍ରଶାସନ ସହ ପୋଲିସ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ଗୁରତ୍ୱାରୋପ କରିଥିଲେ। ବିଶେଷ କରି ରାଜସ୍ୱ, ଜଙ୍ଗଲ ଜମି, ଅନୁସୂଚିତ ଜାତି ଓ ଜନଜାତି ସମ୍ପର୍କିତ କାର୍ଯ୍ୟକୁ ସମନ୍ୱୟ ରକ୍ଷା ପୂର୍ବକ ସମ୍ପାଦନ ସହ ଜନସାଧାରଣଙ୍କୁ ସେବା ପହଞ୍ଚାଇବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବୀରେନ୍ଦ୍ର କୁମାର ନାୟକଙ୍କ ସହ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଜିଲା ପ୍ରଶାସନ ତରଫରୁ ସୋନପୁର ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସମସ୍ତ ତହସିଲଦାର, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଆରଟିଓ ଅକ୍ଷୟ କୁମାର ଜେନା, ନିର୍ବାହୀ ଯନ୍ତ୍ରୀ ଅଶୋକ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଡେପୁଟି କଲେକ୍ଟର କେ ରିଚି କୁମାର, ବରିଷ୍ଠ କିରାଣୀ ଦିନେଶ ମିଶ୍ରଙ୍କ ସହ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ସମନ୍ୱୟ ବୈଠକରେ ଅଧିକାରୀମାନେ।

# ଲଗାଣ ବର୍ଷାରେ ଘର ଭାଙ୍ଗିଲା, ଧୋଇଗଲା ରାସ୍ତା

ଅମରପାଲି, ୮।୮(ପୀତାମ୍ବର ସାହୁ)


ଅମୂଲ୍ୟମଣୀ ରାଣିପୁର ଗ୍ରାମରେ ଘର ଭାଙ୍ଗିଯାଇଛି।

ଲଗାଣ ବର୍ଷା ପ୍ରଭାବରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ସ୍ଥାନରେ ରାସ୍ତା ଧୋଇ ଯାଇଥିବାବେଳେ କଚ୍ଚା ଘର ଭାଙ୍ଗି ଯାଇଛି। ଏବେ ମଧ୍ୟ ଅନେକ ସ୍ଥାନରେ ବର୍ଷା ପାଣି ଜମି ରହିଛି। ସୁବଳୟା ମଠସାହି ଏବେ ମଧ୍ୟ ବର୍ଷା ପାଣି ଘେରରେ ରହିଛି। ପ୍ରାୟ ୪୦ ବୁଣାକାର ପରିବାର ବର୍ଷା ପାଣି ଦେଇ ଘରକୁ ଯିବା ଆସିବା କରୁଛନ୍ତି। ଛାତ୍ରୀଛାତ୍ରମାନେ ଘରୁ ସ୍କୁଲକୁ ଯିବା ଆସିବା କରିବାରେ ସମସ୍ୟା ହେଉଛି। ପ୍ରଶାସନ ତରଫରୁ ଏଠାରୁ ବର୍ଷାଜଳ ନିଷ୍କାସନ କରିବାକୁ ଦାବି ହେଉଛି। ସେହିପରି ବୀରମହାରାଜପୁର ତହସିଲ ଅନ୍ତର୍ଗତ ହିଲୁଙ୍ଗ ପଞ୍ଚାୟତର ଅମୂଲ୍ୟମଣି ରାଣିପୁର ଗ୍ରାମରେ ଲଗାଣ ବର୍ଷାରେ ଉମେଶ ମେହେରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ମାଟିରେ ମିଶି ଯାଇଛି। ପରିବାର ଲୋକେ ସେହି ସମୟରେ ଘରେ ନ ଥିବାରୁ ବଞ୍ଚି ଯାଇଛନ୍ତି। ଉମେଶଙ୍କୁ ତୁରନ୍ତ ପଲିଥିନ ଯୋଗାଇ ଦେବା ସହିତ କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି। ସେହିପରି ଉଲୁଣ୍ଡା ବ୍ଲକ କାଦୋଦର ମାଟିଘର ଭାଙ୍ଗି ଯାଇଛି। ଗ୍ରାମର ପବିତ୍ର ବେହେରାମାଳିଙ୍କ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ପଞ୍ଚାୟତର ବଡକିରାସିରା ଗ୍ରାମର ସୁରୁ ସେଠୀଙ୍କ ମାଟି ଘର ଭାଙ୍ଗି ଯାଇଛି। ଉକ୍ତ ପଞ୍ଚାୟତର ସାହାଜଲଥା ଗ୍ରାମର ଗୋପବନ୍ଧୁ ପ୍ରଧାନଙ୍କ ମାଟି ଘର ମଧ୍ୟ ଭାଙ୍ଗିଯାଇଛି। ପ୍ରଶାସନ ତରଫରୁ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି। ବ୍ଲକର ଅମରପାଲି ଗ୍ରାମରେ ଖଜୁରିବନ୍ଧଠାରୁ ଯାଇଥିବା ରାସ୍ତା ବର୍ଷା ପାଣିରେ ସମ୍ପୂର୍ଣ୍ଣ ଧୋଇ ଧୋଇ ହୋଇ ଯାଇଛି। ଲଗାଣ ବର୍ଷା ଯୋଗୁ ବଡବର୍ଡାକଟା-ପୁରୁଷୋତ୍ତମପାଲି ରାସ୍ତା, ଘିଚାପାଲି-ବଡବର୍ଡାକଟା ରାସ୍ତା, ବହଳପଦର ପଞ୍ଚାୟତର ଟିଙ୍ଗିରାନାଲି-ପାତରପାଲି ରାସ୍ତା, ଗୌଡଗାଡ-ଅମରପାଲିବାଇପାସ ରାସ୍ତା, ଠେଙ୍ଗଡ୍ୟାମ-କୋଟସମଲାଇ ରାସ୍ତାରୁ ସାରସଦାଦର ରାସ୍ତା, ଭାଲୁଡୁଙ୍ଗୁରୀ-ବିଶାଳପାଲି ସ୍କୁଲ ରାସ୍ତା, କେନ୍ଦୁପାଲି-ବୁରୋଘାଟ ରାସ୍ତା ବର୍ଷା ଛାଡିଗଲା ପରେ ଶୋଚନୀୟ ହୋଇପଡିଛି। ସଦର ବୀରମହାରାଜପୁର ଉପନିବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦୁଇଦିନ ହେଲା ଜମି ରହିଥିବା ବର୍ଷା ପାଣି କମିଥିଲେ ମଧ୍ୟ ଏବେ ସନ୍ତସନ୍ତିଆ ହୋଇପଡିଛି। ପ୍ରଶାସନ ତୁରନ୍ତ ଏସବୁର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ୫ ଗାଈ ମୃତ

**ବଡ଼ଗାଁ,୮।୮(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ପ୍ରାଣୀ ଚିକିତ୍ସାଳୟ ସମ୍ମୁଖ ରାଜ୍ୟ ରାଜପଥ ନଂ. ୧୦ରେ ଗୁରୁବାର ଭୋର୍ ୬ଟାରେ ରାସ୍ତା ଉପରେ ଶୋଇଥିବା ବେଳେ ଟ୍ରକ୍ ଧକ୍କାରେ ୫ଟି ଗାଈର ମୃତ୍ୟୁ ହୋଇଛି। ବଡ଼ଗାଁ ପଞ୍ଚାୟତ ଦ୍ୱାରା ଗାଈ ବଳଦ ମାଲିକଙ୍କୁ ଘରେ ଗାଈଗୋରୁଙ୍କୁ ରଖିବା, ଖୋଲା ନ ଛାଡିବା ପାଇଁ ବାରମ୍ବାର କୁହାଯାଉଥିଲେ ମଧ୍ୟ ସେମାନେ ଗାଈଗୋରୁଙ୍କୁ ଗୁହାଳରେ ରଖୁ ନ ଥିବା ଦେଖାଯାଉଛି। ଫଳରେ ଏଭଳି ଦୁର୍ଘଟଣା ଘଟୁଛି।

### ତାଲା ଭାଙ୍ଗି ଚୋରି, ଥାନାରେ ଅଭିଯୋଗ

**ବଡ଼ଗାଁ, ୮।୮(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମ ପଞ୍ଚାୟତର ଧୁମାଗଡ଼ା ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ବଡ଼ଗାଁ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ଦିବାକର କାଲୋଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ସାନଭାଇ ଯୁଗେଶ୍ୱର କାଲୋ ଘରେ ନ ଥିବା ସୁଯୋଗରେ ଚୋର ଦଳ ତାଲା ଭାଙ୍ଗି ଚୋରି କରିଛନ୍ତି। ତାଙ୍କର ସାନଭାଇଙ୍କ ଘରୁ ୩୫ ଶହ ଟଙ୍କା, କଂସା ବାସନ ଓ ରୁପା ପାଉଁଜି ଚୋରି ହୋଇଛି। ଦିବାକର କାଲୋଙ୍କ ଘର ବାହାରୁ ଶିଙ୍କୁଳି ପକାଇ ଚୋର ଦଳ ଚୋରି କରିଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ଏଏସଆଇ ଶ୍ରୀକାନ୍ତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଲଗାଣ ବର୍ଷାରେ ଭାଙ୍ଗିଲା ଗଛ

**ବଡ଼ଗାଁ, ୮।୮(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ବ୍ଲକରେ ଗତ କିଛିଦିନ ହେଲା ଲଗାଣ ବର୍ଷା ହେଉଛି। ଗୁରୁବାର ବଡ଼ଗାଁ ବସ୍ତିରେ ଏକ ବିରାଟକାୟ ମହାଲିମ ଗଛ ଢ଼ଳି ପଡ଼ିଥିଲା। ଫଳରେ ରାସ୍ତା ଅବରୋଧ ହୋଇଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ବଡ଼ଗାଁ ଦମକଳ ବାହିନୀକୁ ଜଣାଇବା ପରେ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ଅବରୋଧ ହଟାଇ ଦେଇଥିଲେ।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ନର୍ଲା, ୮।୮(ସନ୍ତୋଷ ପାତ୍ର):** ବୁଧବାର ରାତିରେ ନର୍ଲା ଥାନା ଅନ୍ତର୍ଗତ ରୁପ୍ରାରୋଡସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ବୋଲେରୋ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୀଳାମ୍ବର ବାଗ (୪୫)। ସୂଚନାକ୍ରମେ ଶରିଆ ଗ୍ରାମର ପ୍ରମୋଦ କଳିଙ୍କ ବୋଲେରୋ (ଓଡ଼ି୦୮ଏଲ-୭୫୫୬)ରେ ନୀଳାମ୍ବର ବସି ଘରକୁ ଫେରୁଥିଲେ। ବାଟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥଲା। ଏଥିରେ ଗାଡି ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏ ନେଇ ଗୁରୁବାର ଅଭିଯୋଗ ପରେ ପୋଲିସ ଚାଳକଙ୍କୁ ଥାନାରେ ଅଟକ ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାମପୁରକୁ ପଠାଇଛି।

### ବିଧାୟକଙ୍କ ମେଣ୍ଢାଟାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

**କୋମନା,୮।୮(ସୋବିନ ଛତ୍ରିଆ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ଗୁରୁବାର କୋମନା ବ୍ଲକ ମେଣ୍ଢାଟାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ଖେମଦାସ ବିଦ୍ୟାଳୟର ସମସ୍ୟା ବିଷୟରେ ତାଙ୍କୁ ଅବଗତ କରାଇଥିଲେ। ମାଧ୍ୟାହ୍ନ ଭୋଜନ ବ୍ୟବସ୍ଥା ବୁଝିବା ସହ ଲୋକଦୃଷ୍ଟି ଦାରା ପରିଚାଳିତ ଏଲ୍ଆର୍ସି କେନ୍ଦ୍ର ପରିଦର୍ଶନ କରିଥିଲେ। ବିଆର୍ସିସି ରାଧାକାନ୍ତ ତାଣ୍ଡି, ଆକାଉଣ୍ଟାଣ୍ଟ ହେମନ୍ତ ପ୍ରଧାନ, ଦେବାଶିଷ ପରିଡ଼ା, ଲୋକଦୃଷ୍ଟି ପ୍ରୋଗ୍ରାମର ଭୁବନେଶ୍ୱର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ବଡକଟା ସାଗରରୁ ମିଳିଲା ମୃତଦେହ

**କେସିଙ୍ଗା,୮।୮(ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ଏନ୍ଏସି ୭ନଂ. ୱାର୍ଡର ବୈବସ୍ୱତ ରଣାଙ୍କ ମୃତଦେହ ଗୁରୁବାର ବଡ଼କଟା ସାଗରରୁ ମିଳିଛି। ସୂଚନା ଅନୁସାରେ ବୁଧବାର ବୈବସ୍ୱତ ଓ ତାଙ୍କ ପୁଅ ଭକ୍ତି ରଣା ବଡ଼କଟା ସାଗରକୁ ମାଛ ଧରିବାକୁ ଯାଇଥିଲେ। ପୁଅ ଫେରିଥିବା ବେଳେ ବୈବସ୍ୱତ ପାଣିରେ ବୁଡି ଯାଇଥିଲେ।

# ଫିଜିଓଥେରାପି ଚିକିତ୍ସା ପ୍ରତି ଆଗ୍ରହ ବଢୁଛି

**କୁତ୍ରା, ୮।୮(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ଫିଜିଓଥେରାପି(ଭୌତିକ ଚିକିତ୍ସା) ବିଭାଗ। ଆରମ୍ଭ ହେବା ଦିନଠାରୁ ଏହି ବିଭାଗର ରୋଗୀମାନେ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ପାଇପାରିବା ସହ ଆରୋଗ୍ୟ ଲାଭ କରୁଥିବାରୁ ଦିନକୁ ଦିନ ଏହି ଚିକିତ୍ସାର ଚାହିଦା ବୃଦ୍ଧି ପାଉଛି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ରୋଗୀମାନଙ୍କୁ ଆବଶ୍ୟକ ଫିଜିଓଥେରାପି ଚିକିତ୍ସା ଯୋଗାଇଦେବା ପାଇଁ ୨୦୨୨ ଅକ୍ଟୋବର ମାସରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ବିଭାଗର ଆରମ୍ଭ କରାଯାଇଥିଲା। ବର୍ତ୍ତମାନ ଏହି ବିଭାଗର ଅଧିକାରୀ ଭାବେ ଡା. ପ୍ରିୟଙ୍କା ମିଞ୍ଜ କାର୍ଯ୍ୟରତ ଥିବା ବେଳେ ରିମେଡିଆଲ



କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଛି ଫିଜିଓଥେରାପି ଚିକିତ୍ସା।

ଫିଜିଓଥେରାପିଷ୍ଟ ମିଲନ ସାହୁ ସହାୟତା ପ୍ରଦାନ କରୁଛନ୍ତି। ଏହି ଚିକିତ୍ସା କେନ୍ଦ୍ରରେ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ ମହଜୁଦ ରହିଛି। ଏହାସହ ଠିକ ଭାବେ ଚଳାଚଳ କରିପାରୁ ନ ଥିବା ରୋଗୀମାନଙ୍କୁ ଆଣିବା ପାଇଁ ଏହି କେନ୍ଦ୍ରରେ ଏକ ବ୍ୟାଟେରୀ ଚାଳିତ ଅଟୋ ମଧ୍ୟ ସେବା ଯୋଗାଇ ଦେଉଛି। ସମଗ୍ର କୁତ୍ରା ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ପ୍ରତି ଦିନ ୩୦ ରୁ ୩୫ ରୋଗୀ ଚିକିତ୍ସା ପାଇଁ ଆସୁଥିବା ନେଇ ଡା ମିଞ୍ଜ ପ୍ରକାଶ କରିଛନ୍ତି। ବିଶେଷକରି ପକ୍ଷାଘାତ, ଭିନ୍ନକ୍ଷମ, ବାତ, ବିଭିନ୍ନ ଦରଜରେ ପିଡିତ, ଦୁର୍ଘଟଣା ଜନିତ ଅକ୍ଷମ ହୋଇଥିବା ରୋଗୀମାନେ ଚିକିତ୍ସିତ ହେବା ପାଇଁ ଏଠାକୁ ଆସୁଛନ୍ତି। ଏହି କେନ୍ଦ୍ରକୁ ନିୟମିତ ଚିକିତ୍ସା ପାଇଁ ଆସୁଥିବା କିଛି ରୋଗୀମାନଙ୍କୁ ସେମାନେ ଏଠାରୁ ପାଉଥିବା ଫିଜିଓଥେରାପି ଚିକିତ୍ସାର ସମ୍ପର୍କରେ ପଚରାଯିବାରୁ ସେମାନେ ଏହି ଚିକିତ୍ସା ଯୋଗୁ ଆରୋଗ୍ୟ ଲାଭ କରୁଥିବା କହିବା ସହ ଏହି ଚିକିତ୍ସା ଉପରେ ଆସ୍ଥା ପ୍ରକଟ କରିଛନ୍ତି।

# ସ୍ୱାସ୍ଥ୍ୟ ପରୀକ୍ଷା କରାଇଲେ ୧୩୩ ରେଲୱେ କର୍ମଚାରୀ


ଶିବିରରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ବନ୍ଧମୁଣ୍ଡା,୮।୮(ସୁବ୍ରତ ଦେ)**

ବନ୍ଧମୁଣ୍ଡା ରେଳବାଇ ଇଲେକ୍ଟ୍ରିକ ସେଡ୍‌ରେ ଗୁରୁବାର ଦକ୍ଷିଣ-ପୂର୍ବ ରେଳବାଇର ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲ ପକ୍ଷରୁ ଏକ ବହୁମୁଖୀ ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ବନ୍ଧମୁଣ୍ଡା ସମେତ ନିକଟବର୍ତ୍ତୀ ଅଞ୍ଚଳର ରେଲୱେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇ ସେମାନଙ୍କୁ ଔଷଧ ଦିଆଯାଇଥିଲା। ଏହି ଶିବିରକୁ ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲର ସିଏମ୍ଏସ୍ ଡକ୍ଟର ସଞ୍ଜୀବ କୁମାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କୁମାର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା, ନିୟମିତ ବ୍ୟାୟାମ କରିବା ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ସହିତ ସୁସ୍ଥ ରହିବାକୁ ସେ ପରାମର୍ଶ ଦେଇଥିଲେ। ଶିବିରରେ ରେଳବାଇ ହସ୍ପିଟାଲ ଏବଂ ରାଉରକେଲା ଜେପି ହସ୍ପିଟାଲର ଔଷଧ, ଦନ୍ତ, ଚକ୍ଷୁ ଏବଂ ମହିଳା ବିଶେଷଜ୍ଞ ଡାକ୍ତରମାନେ ଅଂଶଗ୍ରହଣ କରି କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହାସହିତ ଡାକ୍ତରଖାନାର ହୋମିଓପ୍ୟାଥି ଡାକ୍ତର ସମରେନ୍ଦ୍ର ପ୍ରସାଦ ମିଶ୍ର ହୋମିଓପ୍ୟାଥି ଔଷଧ ପ୍ରୟୋଗ କରି ନିଜକୁ ଫିଟ ରଖିବାର କୌଶଳ ଶିଖାଇଥିଲେ। ଶିବିରରେ ୧୩୩ ରେଲୱେ କର୍ମଚାରୀ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଇଥିଲେ।

# ସୁଦକ୍ଷ ହସ୍ତତନ୍ତ ଶିଳ୍ପୀଙ୍କ ପ୍ରୋତ୍ସାହନକୁ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବୁଣାକାର ।

**ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)**

### ଦୀପିକା ହସ୍ତ କର୍ଘା କେନ୍ଦ୍ରରେ ଜାତୀୟ ହସ୍ତତନ୍ତ ଦିବସ ପାଳନ

ଆର୍ଏସ୍ପିର ଦୀପିକା ମହିଳା ସଂହତି ଦ୍ୱାରା ପରିଚାଳିତ ଦୀପିକା ମହିଳା ଜାଗୃତି ସଂସ୍ଥା ସେକ୍ଟର-୨ ସ୍ଥିତ ଦୀପିକା ହସ୍ତ କର୍ଘା କେନ୍ଦ୍ରରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀପିକା ମହିଳା ସଂହତିର ଅଧ୍ୟକ୍ଷା ସୀମା ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇ ବୁଣାକାରମାନଙ୍କ ଗହଣରେ କେକ୍ କାଟି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିରେ ସଂହତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ପ୍ରଭାତୀ ମିଶ୍ର, ନମ୍ରତା ବର୍ମା, ସିଏସ୍ଆର ବିଭାଗର ଜିଏମ୍ ମୁନମୁନ୍ ମିତ୍ର, ଏଜିଏମ୍ ଟି. ବି. ଟପ୍ପୋ, ଡିଏମ୍ଏସ୍ ପରିଷଦର ସଦସ୍ୟା ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ଏଥିସହ ହ୍ୟାଣ୍ଡଲୁମ ସେଣ୍ଟରର ପ୍ରଶିକ୍ଷକ ଏବଂ ପ୍ରଶିକ୍ଷାର୍ଥୀମାନେ ମଧ୍ୟ ଯୋଗ ଦେଇଥିଲେ। ସୀମା ଭୌମିକ ଜାତୀୟ ତଥା ଆନ୍ତର୍ଜାତୀୟ ବଜାରରେ ହସ୍ତତନ୍ତର ଗୁରୁତ୍ୱ ଏବଂ ପରିସର ଉପରେ ଆଲୋକପାତ କରିଥିଲେ। ଉନ୍ନତ ଜୀବିକା ନିର୍ବାହ ପାଇଁ ପ୍ରଶିକ୍ଷଣର ସର୍ବୋତ୍ତମ ଉପଯୋଗ କରିବାକୁ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ସ୍ଥାୟୀ ପରିବେଶ ପାଇଁ ସୁଦକ୍ଷ ହସ୍ତତନ୍ତ ଶିଳ୍ପୀମାନଙ୍କୁ ପ୍ରୋତ୍ସାହିତ କରିବା ଲାଗି ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଭାରତୀୟ ହ୍ୟାଣ୍ଡଲୁମ ଶାଢି ଆଧାରିତ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ପରେ ହ୍ୟାଣ୍ଡଲୁମ ଉତ୍ପାଦଗୁଡିକର ପ୍ରଦର୍ଶନୀ ସହିତ ରିହାତି ମୂଲ୍ୟରେ ଉତ୍ପାଦଗୁଡିକର ବିକ୍ରି ହୋଇଥିଲା।

# ସମସ୍ତଙ୍କ ସହଯୋଗରେ ଡ୍ରପ୍ ଆଉଟ ସମସ୍ୟା ସମାଧାନ ହେବ

**କୁନାଗଡ଼, ୮।୮(ସୁନୀଲ କୁମାର ସିଂହ)**

ତାଲୁକ ଆଇନସେବା ସମିତି ତରଫରୁ କୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବିଚାରପତି ଜେଏମ୍ଏଫ୍‌ସି,ସିଭିଲ ଜଜ୍ ଜୁନିୟର ଡିଭିଜନ ଦୀପେନ୍ଦ୍ର ସିଂହ ରାଠୋର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁନାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ, ବିଇଓ ତପନ କୁମାର ମାଝି, ଅଶୋକ କୁମାର ପାତ୍ର, ଅଶୋକ କୁମାର ପଣ୍ଡା ଯୋଗଦେଇ ଡ୍ରପ୍ ଆଉଟ ଛାତ୍ରୀଛାତ୍ର ପୁନଃ ପାଠ ପଢିବା ପାଇଁ ପ୍ରବର୍ତ୍ତାଇଥିଲେ। ମୁଖ୍ୟ ଅତିଥି ବିଚାରପତି ରାଠୋର ସମସ୍ତଙ୍କ ସହଯୋଗରେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟର ଶିକ୍ଷକ ମଳୟ ମୁଣ୍ଡ ଓ ଏନ୍‌ସିସି ଅଫିସର ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏବିଇଓ କୁଳମଣି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ମିରର ପକ୍ଷରୁ ଡେଙ୍ଗୁ ସଚେତନତା କର୍ମଶାଳା



କାର୍ଯ୍ୟକ୍ରମରେ ଉପସ୍ଥିତ ଅନୁଷ୍ଠାନର ସଦସ୍ୟ ଓ ପିଲାମାନେ।

**ରାଉରକେଲା,୮।୮(ଦିନେଶ ମିଶ୍ର)**

ଦ' ମିରର ସୋସିଆଲ ଫାଉଣ୍ଡେଶନ ପକ୍ଷରୁ ଛେଣ୍ଡ ସ୍ଥିତ ଆଶାଦୀପ ବିଦ୍ୟାଳୟରେ ଗୁରୁବାର ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା ଶିବିର ସଭାପତି ବିଶ୍ୱଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନ ଯୋଗୁ ସହରରେ ଦିନକୁ ଦିନ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଏହି ରୋଗର ମୁକାବିଲା ପାଇଁ ଅନୁଷ୍ଠାନ କର୍ମକର୍ତ୍ତା ବିଦ୍ୟାଳୟର ବିଦ୍ୟାର୍ଥୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିସହ ଡେଙ୍ଗୁ ଓ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ମଶାରୀ ଟାଙ୍ଗି ଶୋଇବା ସହ ଗର୍ତ୍ତ ସ୍ଥାନରେ ପାଣି ଜମା ନ ରଖିବା, ଶରୀର ଘୋଳାବିନ୍ଧା ଓ ବାରମ୍ବାର ନିର୍ଦ୍ଦିଷ୍ଟ ସମୟରେ ଜ୍ୱର ଆସୁଥିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ବୁଝାଇଥିଲେ। ଏହି ଅବସରରେ ଆଶାଦୀପ ବିଦ୍ୟାଳୟରେ ସାମୂହିକ ଖାଦ୍ୟ ବିତରଣ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ କଲ୍ୟାଣୀ ଦାସ, ଅରୁନ୍ଧତୀ ସ୍ୱାଇଁ, ସନ୍ଧ୍ୟା ଦେବୀ, ମମତା ବାରିକ, ଲିତାଞ୍ଜଳି ପତି, ମାନସ ରଞ୍ଜନ ଓ ବିଶ୍ୱନାଥ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ସିଟୁର ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

**ରାଉରକେଲା,୮।୮(ସଙ୍ଗୀତା ଜେନା)**

ସିଟୁ କେନ୍ଦ୍ରୀୟ କମିଟି ଆହ୍ୱାନକ୍ରମେ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ୭୮ତମ ସ୍ୱାଧୀନତା ଦିବସ ଓ ଅହୋରାତ୍ର ଜାଗରଣ କାର୍ଯ୍ୟକ୍ରମକୁ ରାଉରକେଲା ତଥା ସୁନ୍ଦରଗଡ଼ରେ ସଫଳ କରିବା ପାଇଁ ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ ସିଟୁ ପକ୍ଷରୁ ସମଗ୍ର ଦେଶରେ ୧୪ ଅଗଷ୍ଟରୁ ୧୫ ଅଗଷ୍ଟ ସ୍ୱାଧୀନତା ଦିବସକୁ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରି ପାଳନ କରିବାକୁ ଆହ୍ୱାନ ଦିଆଯାଇଛି ବୋଲି କହିଥିଲେ। ସିଟୁ ଜିଲା ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ସଭାପତିତ୍ୱରେ ଆସନ୍ତା ୧୧ ତାରିଖରୁ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୧୪ ତାରିଖ ସକାଳେ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରୁ ଗଣଦୌଡ଼ କରାଯିବ। ସକାଳ ୧୦ଟାରେ ଭଞ୍ଜଭବନଠାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ଫଟୋ ପ୍ରଦର୍ଶନୀ ଓ ଅପରାହ୍ନରେ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା 'ଭଏସ୍ ଅଫ୍ ରାଉରକେଲା' ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ କବିତା ପାଠୋତ୍ସବ, ୭ଟାରେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ଆଜିର ଆହ୍ୱାନ ଆଲୋଚନାଚକ୍ର ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପୁରସ୍କାର ବିତରଣ ଓ ଅହୋରାତ୍ର ଜାଗରଣ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ। ଅଗଷ୍ଟ ୧୫ ସକାଳ ୬ଟାରେ ସେକ୍ଟର-୨ ବସଷ୍ଟାଣ୍ଡରେ ଜାତୀୟ ପତାକା ଉତ୍ତୋଳନ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା। କମିଟିର ଅଧ୍ୟକ୍ଷ ବଣେଇ ବିଧାୟକ ତଥା ସିଟୁ ଜିଲା ସଭାପତି ଲକ୍ଷ୍ମଣ ମୁଣ୍ଡା, ସାଧାରଣ ସମ୍ପାଦକ ବିମାନ ମାଇତି, କୋଷାଧ୍ୟକ୍ଷ ଜାହାଙ୍ଗୀର ଅଲୀ, ଉପାଧ୍ୟକ୍ଷ ପ୍ରମୋଦ ସାମଲ, ଶ୍ରୀମନ୍ତ ବେହେରା, ବସନ୍ତ ନାୟକ, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ବି. ପି. ମହାପାତ୍ର, ହୃଦୟାନନ୍ଦ ଯାଦବ, ଯଯାତି କେଶରୀ ସାହୁଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରାଯାଇଛି।

# ଜ୍ଞାନବିଜ୍ଞାନ ମେଳା: ୮୨ ପ୍ରକଳ୍ପ ପ୍ରଦର୍ଶନ

**ସଇଁତଲା,୮।୮(ରାଖାଲ ପ୍ରସାଦ ଶତପଥି)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଗଣ୍ଡପତ୍ରାପାଲି ପଞ୍ଚାୟତର ବଡ଼ମାଲଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବରେ ପରିଚାଳନା ସମିତିର ସମ୍ପାଦକ ତଥା ସଇଁତଲା ଓକିଲ ସଂଘ ସମ୍ପାଦକ ଫିରୋଜ କୁମାର ବର୍ଗତି, ସହ-ସମ୍ପାଦିକା ବବିତା ସାହୁ, ବିଦ୍ୱତ ପରିଷଦ ଅଧ୍ୟକ୍ଷ ହରେକୃଷ୍ଣ ବର୍ଗତି ଏବଂ ଗୋକୁଳାନନ୍ଦ ବର୍ଗତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକା, ପ୍ରାକ ଶିଶୁ ବର୍ଗ, ଶିଶୁ ବର୍ଗ, ବାଳବର୍ଗ ଏବଂ କିଶୋର ବର୍ଗରେ ମୋଟ ୧୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୮୨ ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

# ଅଜଣା ଯୁବକଙ୍କୁ ଉଦ୍ଧାର କଲେ ସାମାଜିକ କର୍ମୀ

**ଲାଠୋର,୮।୮(ଭୁବନେଶ୍ୱର ବାରିକ)**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ସାମାଜିକ କର୍ମୀ ଶାନ୍ତନୁ ବେହେରା ଜଣେ ଅସୁସ୍ଥ ଅଜଣା ଯୁବକଙ୍କୁ ଜଙ୍ଗଲ ରାସ୍ତାରୁ ଉଦ୍ଧାର କରି ଲାଠୋର ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଗୁରୁବାର ଆଣିଥିବା ଜଣାପଡିଛି। ପ୍ରାଥମିକ ଚିକିତ୍ସା ପରେ ସଂପୃକ୍ତ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ଉଚ୍ଚତର ଚିକିତ୍ସା ପାଇଁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି ବୋଲି ଆୟୁଷ ଡାକ୍ତର ରାଜେଶ୍ୱରୀ ସାହୁ କହିଛନ୍ତି। ସାମାଜିକ କର୍ମୀ ଶାନ୍ତନୁ ବେହେରା ଗୁରୁବାର ସକାଳେ ବସୁ ଭଇଁସାଲ ନାମକ ଯୁବକଙ୍କୁ ସାଙ୍ଗରେ ନେଇ ବାଇକ୍ ଯୋଗେ କୌଣସି କାମରେ ବେଲପଡ଼ା ଯାଉଥିଲେ। ଯିବା ବେଳେ ବାଟରେ ରେଙ୍ଗାଲି ଏବଂ ବାଗଦୋର ଗ୍ରାମ ମଝି ଜଙ୍ଗଲ ରାସ୍ତାରେ ସଂପୃକ୍ତ ଯୁବକ ଜଣକ ଏକାକି ବୁଲୁଥିବା ଦେଖିଥିଲେ। କାମ ସାରି ଫେରିବା ବେଳେ ମଧ୍ୟ ସେହି ଯୁବକ ଜଣକ ସେହି ଜାଗାରେ ଅଚେତ ଅବସ୍ଥାରେ ପଡ଼ି ରହିଥିବା ଦେଖିଥିଲେ। ଘଟଣା ସ୍ଥଳରୁ ଶାନ୍ତନୁ ନିଜ ସାନଭାଇ ସୁଶାନ୍ତ ବେହେରା ଏବଂ କାଶୀନାଥ ମେହେର ଓ ପ୍ରବୀଣ ଅଗ୍ରୱାଲଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇ ଯୁବକଙ୍କୁ ଉଦ୍ଧାର କରି ଲାଠୋର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଖବରପାଇ ତାଙ୍କ ପରିବାର ବର୍ଗ ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ନାମ ସୁଜିତ ପହରିଆ ଏବଂ ତାଙ୍କ ଘର ବେଲପଡ଼ା ଥାନା ଘଗରା, ସେ ଜଣେ ମାନସିକ ବିକୃତ ବୋଲି କହିଥିଲେ। ତାଙ୍କ ଚିକିତ୍ସା ଚାଲିବ ବୋଲି ଚିକିତ୍ସା କରୁଥିବା ଡାକ୍ତର ଡ଼. ଅକ୍ଷୟ ଧରୁଆ କହିଛନ୍ତି।

# କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁରସ୍କୃତ

**ରାଉରକେଲା,୮।୮(ବିପ୍ଳବ ରଞ୍ଜନ ଦାଶ)**

ଆରଏସ୍‌ପିର କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧ ବିଭାଗରେ ଗୁରୁବାର ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ଆଶା କାର୍ଥା ଅଧ୍ୟକ୍ଷତା କରିବା ସହ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସିପିପି-୧ ବିଭାଗର ଜିଏମ ଇନଚାର୍ଜ କେ ବିର୍ଡ଼ି, ସୁରକ୍ଷା ବିଭାଗ ଜିଏମ୍ ଅବକାଶ ବେହେରା, ସିପିପି-୧ ବିଭାଗର ଜିଏମ ଏନ. ସି ପରିଡା ଏବଂ ସିପିପି-୧ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ଠିକା ଶ୍ରମିକମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ସୃଷ୍ଟି କରିବା ଏବଂ ଏକ


ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥି ଓ କୃତୀ ପ୍ରତିଯୋଗୀ ।

ସାମଗ୍ରିକ ସୁରକ୍ଷା ସଂସ୍କୃତି ଜାଗ୍ରତ କରିବା ପାଇଁ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଆଶା କାର୍ଥା କର୍ମକ୍ଷେତ୍ରରେ ସୁରକ୍ଷାର ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ। ଏଥିସହ ଅନ୍ୟ ବରିଷ୍ଠ ଅଧିକାରୀଗଣ ମଧ୍ୟ ସୁରକ୍ଷା ନିୟମର ଅନୁପାଳନ ଓ ସପଫ୍ଲୋରରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ସିପିପି-୧ ବିଭାଗର ସିନିୟର ମ୍ୟାନେଜର ତଥା ଡିଏସ୍ଓ ରଘୁବୀର ସିଂହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମେଳ ଖାଉନାହିଁ ଅଦାଲତ, ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟରେ ଦାଖଲ କାଗଜପତ୍ର

ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)



**ଜାଲ ନଥିପତ୍ର ଜରିଆରେ ଗୋହୀରା ଡ୍ୟାମ୍ କ୍ଷତିପୂରଣ ଅର୍ଥ ଆତ୍ମସାତ ଘଟଣା**

■ **ଆଦେଶ ସହ କାର୍ଯ୍ୟାଳୟରେ ହାଜର ହେବାକୁ ମଣ୍ଡଳ ଅଧିକାରୀଙ୍କ ନୋଟିସ**

ଦେବଗଡ଼ ଜିଲାରେ ପ୍ରଦାନ କରାଯାଇଥିବା ଗୋହିରା ଡ୍ୟାମ୍ ପ୍ରକଳ୍ପର କ୍ଷତିପୂରଣ ବାବଦ କୌଣସି ନଥିପତ୍ର ମିଳୁନାହିଁ। ଏ ସମ୍ବନ୍ଧୀୟ କ୍ଷତିପୂରଣ ରେଜିଷ୍ଟର/ଫର୍ମ ନଂ-୧୦(ବରକନ୍ୟା ମୌଜା) ଏବଂ ଅନ୍ୟାନ୍ୟ ନଥିପତ୍ର ଦେବଗଡସ୍ଥିତ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ, ଜୋନ କାର୍ଯ୍ୟାଳୟ କିମ୍ବା ତାଳଚେରସ୍ଥିତ ବାଘୁଆବୁଲରେ ମଧ୍ୟ ଉପଲବ୍ଧ ହେଉନାହିଁ। ଫଳରେ ଏକ ବଡଧରଣର ଦୁର୍ନୀତି ଉଦ୍ଦେଶ୍ୟରେ କେହି ଏହାକୁ ଉଦ୍ଦେଶ୍ୟ ମୂଳକ ଭାବେ ସ୍ଥାନାନ୍ତର କରିଥିବା କିମ୍ବା ଲୁଚାଇ ରଖିଥିବା ସନ୍ଦେହ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ଥଇଥାନ ଓ ପୁନଃର୍ବାସ ବିଭାଗ ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟରେ ମିଥ୍ୟା କାଗଜପତ୍ର ଦାଖଲ କିମ୍ବା ଜାଲିଆତି କରି ଏକ କୋଟି ୨୨ ଲକ୍ଷ ୪୪ ହଜାର ୧୮୪ ଟଙ୍କା ଆତ୍ମସାତ କରାଯାଇଥିବା ତାଳଚେର ବାଘୁଆବୁଲସ୍ଥିତ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ଥଇଥାନ ଓ ପୁନଃର୍ବାସ ବିଭାଗ ମଣ୍ଡଳ ଅଧିକାରୀ ସନ୍ଦେହ ପ୍ରକଟ କରିଛନ୍ତି। ଏଥିସହ ଦେବଗଡ ଜିଲାର ଜଗତ ଶବର, ଦିବାକର ଲୁହା ଦୁଃଖବନ୍ଧୁ ବେହେରା ଓ ଘନଶ୍ୟାମ ସାହୁ ୪ଜଣ ବ୍ୟକ୍ତିଙ୍କୁ ନୋଟିସ ଜାରି କରିଛନ୍ତି। ମଣ୍ଡଳ ଅଧିକାରୀ ଉକ୍ତ ନୋଟିସରେ ଉଲ୍ଲେଖ କରିଛନ୍ତି ଯେ, ସେମାନେ (ଉପରୋକ୍ତ ୪ଜଣ) ଅଦାଲତରେ ଯେଉଁ ନଥିପତ୍ର ଦାଖଲ କରି ବ୍ୟାଙ୍କ ଆକାଉଣ୍ଟ ଜରିଆରେ କ୍ଷତିପୂରଣ ଟଙ୍କା ପାଇଛନ୍ତି, ଉକ୍ତ ନଥିପତ୍ର ସହିତ ଉକ୍ତ ବିଭାଗର କାଗଜପତ୍ର ମେଳ ଖାଉନାହିଁ। ଏଣୁ ସେମାନେ ଭୂ-ଅର୍ଜନ କାର୍ଯ୍ୟାଳୟ ଏବଂ ଉଚ୍ଚ ନ୍ୟାୟାଳୟରେ ବିଭ୍ରାନ୍ତିକର ତଥ୍ୟ ଦାଖଲ କରିଥିବା ସ୍ପଷ୍ଟ ହୋଇଛି। ନ୍ୟାୟାଳୟରୁ ପାଇଥିବା ମକଦ୍ଦମା ସମ୍ବନ୍ଧୀୟ ପ୍ରାମାଣିକପତ୍ର ତଥା ଆଦେଶର ସମସ୍ତ ନଥିପତ୍ର ସହ ତାଳଚେର ବାଘୁଆବୁଲସ୍ଥିତ ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ଥଇଥାନ ଓ ପୁନଃର୍ବାସ ବିଭାଗ, ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜର ହୋଇ ଲିଖିତ ଉତ୍ତର ଦାଖଲ କରିବାକୁ ମଣ୍ଡଳ ଅଧିକାରୀ ତାଙ୍କ ନୋଟିସରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋହିରା ଡ୍ୟାମ ପ୍ରକଳ୍ପର କ୍ଷତିପୂରଣ ସମ୍ବନ୍ଧୀୟ ରେଜିଷ୍ଟର/ଫର୍ମ ନଂ.୧୦(ବରକନ୍ୟା ମୌଜା)ଏବଂ ଅନ୍ୟାନ୍ୟ ନଥିପତ୍ର ବିଭାଗୀୟ ଦେବଗଡ କିମ୍ବା ବାଘୁଆବୁଲସ୍ଥିତ କାର୍ଯ୍ୟାଳୟରେ ଉପଲବ୍ଧ ହେଉନାହିଁ। ଫଳରେ ଏକ ବଡଧରଣର ଦୁର୍ନୀତି ଉଦ୍ଦେଶ୍ୟରେ କେହି ଏହାକୁ ଉଦ୍ଦେଶ୍ୟ ମୂଳକ ଭାବେ ସ୍ଥାନାନ୍ତର କରିଥିବା କିମ୍ବା ଲୁଚାଇ ରଖିଥିବା ସନ୍ଦେହ ସୃଷ୍ଟି ହୋଇଛି। ଏଣୁ ବାଘୁଆବୁଲସ୍ଥିତ ରେଙ୍ଗାଲି ଡ୍ୟାମ ପ୍ରକଳ୍ପ ସ୍ୱତନ୍ତ୍ର ଭୂ-ଅର୍ଜନ ଏବଂ ଥଇଥାନ ଓ ପୁନଃର୍ବାସ ବିଭାଗ ମଣ୍ଡଳ ଅଧିକାରୀ ଗତ ୩୦ ତାରିଖରେ ପୂର୍ବତନ ଜୋନ ଅଫିସର ତଥା ବର୍ତ୍ତମାନ ବାଙ୍କି ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର(ଓଆର୍ଏସ) ଧନଞ୍ଜୟ କିଷାନ, ପୂର୍ବତନ କନିଷ୍ଠ ସହାୟକ ତଥା ବର୍ତ୍ତମାନ ନୂଆପଡା ଜିଲା ଖରିଆରର ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ କାର୍ଯ୍ୟାଳୟ ବରିଷ୍ଠ ସହାୟକ ଡମ୍ବରୁଧର ପ୍ରଧାନ, ଅମିନ ପ୍ରଫୁଲ୍ଲ କୁମାର ମହାପାତ୍ର, ଅମିନ ଭୋଳେଶ୍ୱର ସାହୁ ଓ ପିଅନ ଲକ୍ଷ୍ମୀଧର ବେହେରାଙ୍କୁ ଚିଠି ନମ୍ବର-୨୪୨ଯୋଗେ ଜଣାଇବା ସହ ଉକ୍ତ କ୍ଷତିପୂରଣ ରେଜିଷ୍ଟର ଏବଂ ଅନ୍ୟାନ୍ୟ ନଥିପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟଥା ସେମାନଙ୍କ ବିରୋଧରେ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରାଯିବ ବୋଲି ଚେତାବନୀ ଦେଇଥିଲେ।

# ବେସରକାରୀ ମହାବିଦ୍ୟାଳୟ ପରିଚାଳନା କମିଟିର ବୈଠକ



ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)

ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଗ୍ରାମାଞ୍ଚଳରେ ଥିବା ବେସରକାରୀ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ପରକ୍ଷିତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଥିବା ବେସରକାରୀ ମହାବିଦ୍ୟାଳୟ ସୁପରିଚାଳନା ନିମନ୍ତେ ଓ ଶିକ୍ଷାଦାନ ସହିତ ଛାତ୍ରୀଛାତ୍ରମାନେ ଯେପରି ବିଭିନ୍ନ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ ଓ ଉନ୍ନତ ସମାଜ ଗଠନରେ ସହଭାଗୀ ହୋଇପାରିବେ, ଛାତ୍ରୀଛାତ୍ରମାନେ ଯେପରି ମହାବିଦ୍ୟାଳୟର ଶିକ୍ଷା ସମାପ୍ତି ପରେ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ହୋଇ ରୋଜଗାରକ୍ଷମ ହେବେ, ସେଥି ପାଇଁ ସରକାରୀ ଚାକିରୀ ସହିତ ବ୍ୟବସାୟ, କୃଷି, ମତ୍ସ୍ୟ, କ୍ରୀଡ଼ା, ମନୋରଞ୍ଜନ, ପଶୁ ପାଳନ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ସଫଳ ହୋଇଥିବା ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କୁ ଆମନ୍ତ୍ରଣ କରି ଛାତ୍ରୀଛାତ୍ରମାନଙ୍କୁ ପ୍ରତ୍ୟକ୍ଷ ଦିଗ ଦର୍ଶନ କରିବାକୁ ମତ ପ୍ରକାଶ କରିଥିଲେ। ବୈଠକରେ ବୁଢାପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ଡିଲେଶ୍ୱର ପ୍ରଧାନ, କର୍ଲ୍ଲା ମହାବିଦ୍ୟାଳୟ ଅଧ୍ୟକ୍ଷ ଶାନ୍ତନୁ କୁମାର ପ୍ରଧାନ, କର୍ଲ୍ଲା ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ପ୍ରଧାନ, ରିଆମାଳ ଡିଗ୍ରୀ କଲେଜର ଫକିର କୁମାର ସାହୁ, ପଲସମା ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ହରେସ କୁମାର ବେହେରା ଓ ବିଭିନ୍ନ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଯୋଗଦେଇଥିଲେ।

# ଅମରନାଥ ଯାତ୍ରାରେ ୨୦୦ ଜଣ ବଜରଙ୍ଗ ସଦସ୍ୟ

**ସମ୍ବଲପୁର ରେଳଷ୍ଟେଶନରେ ସମ୍ବର୍ଦ୍ଧନା**

ସମ୍ବଲପୁର,୮।୮
(ଭବାନୀ ଶଙ୍କର ଭୋଇ)

ପାକିସ୍ଥାନ ସୀମାରେ ଥିବା ବୁଢ଼ା ଅମରନାଥ ତୀର୍ଥସ୍ଥଳୀକୁ ସମ୍ବଲପୁରରୁ ୨୦୦ ଜଣ ବଜରଙ୍ଗ ସଦସ୍ୟ ତୀର୍ଥଯାତ୍ରାର ବାହାରିଛନ୍ତି। ପୁରାତନ ଧାର୍ମିକ ପୀଠଭାବେ ଏହାକୁ ଲୋକଲୋଚନକୁ ଆଣିବା ପାଇଁ ବଜରଙ୍ଗ ଦଳ ପ୍ରୟାସ କରୁଛି। ଏହି କ୍ରମରେ ବଜରଙ୍ଗ ଦଳ ଓଡ଼ିଶା ପଶ୍ଚିମ ପ୍ରାନ୍ତ ପକ୍ଷରୁ ୨୦୦ ସଦସ୍ୟ ତୀଥାଯାତ୍ରାରେ ଗୁରୁବାର ସକାଳେ ଜମ୍ମୁତାଇ ଟ୍ରେନ ଯୋଗେ ବାହାରିଥିଲେ। ସମ୍ବଲପୁର ରେଳଷ୍ଟେଶନରେ ବିଶ୍ୱହିନ୍ଦୁ ପରିଷଦ ବରିଷ୍ଠ ପଦାଧିକାରୀମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବୁଢା ଅମରନାଥ ଯାତ୍ରା କରୁଥିବା ସଦସ୍ୟଙ୍କୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତୀୟ ସଭାପତି ଡାକ୍ତର ରାଜ କୁମାର ବଡ଼ପଣ୍ଡା, ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟନାରାୟଣ ଥନାପତି, ପ୍ରାନ୍ତୀୟ ସଂଯୋଜକ ରାମଚନ୍ଦ୍ର ନାୟକ, ନଗର ସଂଯୋଜକ ଦେବବ୍ରତ ଦେ, ବରିଷ୍ଠ କାର୍ଯ୍ୟକର୍ତ୍ତା ହରେକୃଷ୍ଣ ପଣ୍ଡା, ବଜରଙ୍ଗ ଦଳର ଜିଲା ସଂଯୋଜକ ପ୍ରମୋଦ ଛନ୍ଦ, ଜିଲା ମିଳନ କେନ୍ଦ୍ର ପ୍ରମୁଖ କିଶୋର ଚନ୍ଦ୍ର ପାଢ଼ୀଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଥିଲେ । ସଦସ୍ୟମାନେ ଆସନ୍ତା ୧୧ ତାରିଖରେ ଜମ୍ମୁରେ ପହଞ୍ଚିବା ପରେ ବସ ଯୋଗେ ବୁଢା ଅମରନାଥ ପୀଠ ଯାଇ ଅମରନାଥ ବାବାଙ୍କ ଦର୍ଶନ କରିବେ। ଏଥିସହ ଜମ୍ମୁ କଶ୍ମୀରର ସାମାଜିକ ଓ ଭୌଗଳିକ ସ୍ଥିତ ଉପରେ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି ।

# ବାଂଲାଦେଶୀ ଅନୁପ୍ରବେଶକୁ ନେଇ ଭିଏଚ୍‌ପିର ଉଦ୍‌ବେଗ




ଖବରଦାତା ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ କର୍ମକର୍ତ୍ତାମାନେ।

ସମ୍ବଲପୁର,୮।୮(ଭବାନୀ ଶଙ୍କର ଭୋଇ)

ପଡ଼ୋଶୀ ବାଂଲାଦେଶର ଶାସନ ଜିହାଦୀମାନଙ୍କ ହାତକୁ ଚାଲିଯାଇଥିବା ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ପକ୍ଷରୁ ଅଭିଯୋଗ କରାଯାଇଛି। ସୁରକ୍ଷା ଅଭାବରୁ ବହୁ ଲୋକ ଦେଶରୁ ପଳାୟନ କରୁଛନ୍ତି। ଏହା ଭାରତ ପାଇଁ ବିଶେଷ କରି ହିନ୍ଦୁ ସମାଜ ପାଇଁ ଉଦ୍‌ବେଗଜନକ ଘଟଣା ବୋଲି ସଙ୍ଗଠନ ପକ୍ଷରୁ ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ପୂର୍ବରୁ ମଧ୍ୟ ଚାକିରି, କର୍ମସଂସ୍ଥାନ ପାଇଁ ସୀମା ଡେଇଁ ବାଙ୍ଗଲାଦେଶୀମାନେ ଭାରତରେ ପ୍ରବେଶ କରିଆସୁଛନ୍ତି। ତେବେ ବାଂଲାଦେଶରେ ପ୍ରଧାନମନ୍ତ୍ରୀ ଗାଦିଚ୍ୟୁତ ହେବା ପରେ ବି ହିଂସା ବନ୍ଦ ହେବା ପରିବର୍ତ୍ତେ ଅଧିକ ବୃଦ୍ଧି ପାଉଛି। ଜିହାଦୀମାନେ ହିନ୍ଦୁ ମଠ ମନ୍ଦିର ଭାଙ୍ଗିବା, ଜାଳିବା ସହ ହିନ୍ଦୁ ଉତ୍ପୀଡନ କାର୍ଯ୍ୟରେ ଲିପ୍ତ ଅଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ ବିଶ୍ୱର ମାନବାଧିକାରୀ ଏବଂ ସାମାଜିକ ସଙ୍ଗଠନଗୁଡିକୁ ଏ ନେଇ ସଚେତନ କରିଛି। ହିନ୍ଦୁମାନଙ୍କ ଘର, ବ୍ୟବସାୟ ପ୍ରତିଷ୍ଠାନ ପ୍ରଭୃତିକୁ ଲୁଟ୍ ଘଟଣା ଚିନ୍ତାର ବିଷୟ ପାଲଟିଛି ବୋଲି ଭିଏଚ୍‌ପି ପଶ୍ଚିମ ପ୍ରାନ୍ତ ସଭାପତି ଡ. ରାଜକୁମାର ବଡପଣ୍ଡା ଅଭିଯୋଗ କରିଛନ୍ତି। ଏହାସହିତ ଭାରତ ସରକାର ବଙ୍ଗଳା ଦେଶରେ ଅତ୍ୟାଚାରିତ ହିନ୍ଦୁମାନଙ୍କୁ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଭାରତକୁ ଅନୁପ୍ରବେଶ କାରି ପ୍ରବେଶ କଲେ ଦେଶରେ ମଧ୍ୟ ବିଶୃଙ୍ଖଳା ବଢିବା ଆଶଙ୍କା ରହିଛି ବୋଲି ସଙ୍ଗଠନ ଅଭିଯୋଗ କରିଛି। ଏହାସହ ସମ୍ବଲପୁରରେ ବଢିଚାଲିଥିବା ଅନୁପ୍ରବେଶକୁ ମଧ୍ୟ ଦୃଢହସ୍ତରେ ଦମନ କରିବାକୁ ଭିଏଚ୍‌ପି ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ଖବରଦାତା ସମ୍ମିଳନୀରେ ପଶ୍ଚିମ ପ୍ରାନ୍ତର ସମ୍ପାଦକ ଭକ୍ତଚରଣ ସାହୁ, ସହ ସମ୍ପାଦକ ରାଜୀବ ଶତପଥୀ ଏବଂମହାନଗର ସଭାପତି ଦେବବ୍ରତ ଦେ ଉପସ୍ଥିତ ଥିଲେ।

# ମୁଣ୍ଡଗୋହିରା ଗ୍ରାମରେ ଜମିବାଡ଼ିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ

**ବାପପୁଅ ଗିରଫ, ଜଣେ ଫେରାର**

ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ଥାନା ମୁଣ୍ଡଗୋହିରା ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଅଭିଯୋଗରେ ବାପ, ପୁଅ ଗିରଫ ହୋଇଥିବା ବେଳେ ଅନ୍ୟ ଜଣେ ଫେରାର ଥିବା ଜଣାପଡିଛି। ଗିରଫ ୨ଜଣଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ୨ଜଣ ହେଲେ ମୁଣ୍ଡଗୋହିରା ଗ୍ରାମର ଅରୁଣ ରାଜହଂସ ଏବଂ ତାଙ୍କ ପୁଅ ରଞ୍ଜନ ରାଜହଂସ। ଅନ୍ୟଜଣେ ରମାକାନ୍ତ ରାଜହଂସ ଫେରାର ଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ୪ ତାରିଖ ଅପରାହ୍ନ ପ୍ରାୟ ୪ଟାରେ ମୁଣ୍ଡଗୋହିରା ଗ୍ରାମର ଯୋଗ ରାଜହଂସ ଚାଷ ଜମିରେ କାମ କରୁଥିଲେ। ଏହି ସମୟରେ ତାଙ୍କ ବଡ ଭାଇ ଅରୁଣ ୨ ପୁଅ ରଞ୍ଜନ ଓ ରମାକାନ୍ତଙ୍କ ସହ ମିଶି ମରଣାନ୍ତକ ଆକ୍ରମଣ କରିଥିଲେ। ଯୋଗ ରାଜହଂସଙ୍କୁ ନିସ୍ତୁକ ମାଡ ମାରିବା ସହ ପଥର କଚାଡି ତାଙ୍କ ଗୋଡ ଭାଙ୍ଗି ଦେଇଥିଲେ। ଯୋଗଙ୍କ ସ୍ତ୍ରୀ ପ୍ରମିଳା ଓ ତାଙ୍କ ବୋହୂ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏ ନେଇ ଗତ ୭ ତାରିଖରେ ପ୍ରମିଳା ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଅରୁଣ ଏବଂ ତାଙ୍କ ପୁଅ ରଞ୍ଜନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏଥିସହ ଅଧିକ ତଦନ୍ତ ଜାରି ରହିଥିବା ରିଆମାଳ ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।

# ଜାତୀୟ ଆକ୍ୱାଟିକ ଚାମ୍ପିୟନଶିପ୍‌ରେ ଦେବଗଡ଼ ପ୍ରତିଯୋଗୀ ଭିସା

ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)



ସୁଇମିଙ୍ଗ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଅଗଷ୍ଟ ୬ରୁ ୧୧ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜିତ ହେଉଥିବା ୪୦ତମ ସବ ଜୁନିୟର ଓ ୫୦ତମ ଜୁନିୟର ଜାତୀୟ ସନ୍ତରଣ ଚାମ୍ପିୟନଶିପ(ନ୍ୟାଶନାଲ ଆକ୍ୱାଟିକ ଚାମ୍ପିୟନଶିପ)ରେ ଦେବଗଡର ବାଳକ ଭିସା ବାରିକ ଅଂଶଗ୍ରହଣ କରୁଛନ୍ତି। ଦେବଗଡ ପୌରାଞ୍ଚଳ ୩ ନମ୍ବର ୱାର୍ଡ ବଣିଆସାହିର ରଞ୍ଜିତ ବାରିକ ଓ କନକ ମଞ୍ଜରୀ ବାରିକଙ୍କ ପୁତ୍ର ଭିସା ଉକ୍ତ ଜାତୀୟ ଚାମ୍ପିୟନଶିପରେ ଜୁନିୟର ବାଳକ ବର୍ଗ ସୁଇମିଙ୍ଗ (ବ୍ରେଷ୍ଟ ଷ୍ଟ୍ରୋକ)ରେ ଓଡିଶା ପକ୍ଷରୁ ଅଂଶଗ୍ରହଣ କରି ଦେବଗଡ ଜିଲା ପାଇଁ ଗୌରବ ଆଣିଛନ୍ତି। ଏଥି ପାଇଁ ତାଙ୍କୁ ଜିଲା କ୍ରୀଡା ସଂସଦ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯିବା ସହ ତାଙ୍କର ସଫଳତା କାମନା କରାଯାଇଛି।

# ଲେଖାପଢ଼ା ଜାଣି ନ ଥିବାରୁ ସରପଞ୍ଚ ପଦ ରଦ୍ଦ

ଅମରପାଲି/ଉଲୁଣ୍ଡା,୮।୮
(ପୀତମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ)

**ପଦ ହରାଇଲେ ନିମ୍ନା ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ନିମ୍ନା ପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତି ପାଣ୍ଡେ ପଦ ହରାଇଛନ୍ତି। ଗୁରୁବାର ବୀରମହାରାଜପୁର ଦେୱାନି ଅଦାଲତ ନ୍ୟାୟଧୀଶ ରାଜଶ୍ରୀ ପଟ୍ଟନାୟକ ଏହି ମାମଲାର ବିଚାର କରି ସରପଞ୍ଚ ଲେଖାପଢା ଜାଣି ନ ଥିବାରୁ ଏହି ରାୟ ଶୁଣାଇଛନ୍ତି। ସୂଚନା ଅନୁସାରେ ଗତ ନିର୍ବାଚନରେ ନିମ୍ନା ପଞ୍ଚାୟତରେ ସରପଞ୍ଚ ପଦ ଅନୁସୂଚିତ ଜାତି (ମହିଳା) ପାଇଁ ସଂରକ୍ଷିତ ଥିଲା। ସୂର୍ଯ୍ୟକାନ୍ତି ବିଜୟୀ ହୋଇଥିବା ବେଳେ ପ୍ରମୋଦିନୀ ଝାଙ୍କର ଦ୍ୱିତୀୟ ସ୍ଥାନରେ ରହି ପରାଜିତ ହୋଇଥିଲେ। ସୂର୍ଯ୍ୟକାନ୍ତୀ ଲେଖାପଢା ଜାଣି ନଥିଲେ ହେଁ ସତ୍ୟପାଠରେ ନବମ ପଢ଼ିଥିବା ମିଥ୍ୟାରେ ଉଲ୍ଲେଖ କରିଥିବା ପ୍ରମୋଦିନୀ ଅଭିଯୋଗ କରିଥିଲେ। ବିଚାର ସମୟରେ ସୂର୍ଯ୍ୟକାନ୍ତୀ ପଞ୍ଚମ ପାସ ପ୍ରମାଣ ପତ୍ର ଦାଖଲ କରିଥିଲେ। ମାତ୍ରେ ସେ ଲେଖି ପଢ଼ି ଜାଣି ନ ଥିବାରୁ କୋର୍ଟ ତାଙ୍କ ପଦକୁ ଅସିଦ୍ଧ ଘୋଷଣା କରିଛନ୍ତି ଏବଂ ନିର୍ବାଚନରେ ଦ୍ୱିତୀୟ ସ୍ଥାନରେ ଥିବା ପ୍ରମୋଦିନୀ ଝାଙ୍କରଙ୍କୁ ସରପଞ୍ଚ ପଦ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁରେନ୍ଦ୍ର ତ୍ରିପାଠୀ ଓ ସୁବ୍ରତ ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଫାଇଲେରିଆ ନିରାକରଣ ସଚେତନତା ଶିବିର

ସମ୍ବଲପୁର,୮।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଗୁରୁବାର ଫାଇଲେରିଆ ନିରାକରଣ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ମହୁଲପାଲି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୁଯୋମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଦେବରାଜ ସାହୁ, ଫାର୍ମାଶିଷ୍ଟ ଜିତେନ୍ଦ୍ର ନାଏକ, ବିଏଏମ ସୁଚିସ୍ମିତା ପ୍ରଧାନ, ସନ୍ତୋଷ କୁମାର ପୃଷେଠ,ଏବିଇଓ ଯୁଯୋମୁରା, ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଏହି ସଚେତନତା କାର୍ଯ୍ୟକ୍ରମରେ ଫାଇଲେରିଆ ନିରାକରଣ ଏବଂ ଔଷଧ ସେବନ ବିଷୟରେ ଅବଗତ କରାଯାଇଥିଲା। ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଫାଇଲେରିଆ ସାମୂହିକ ଔଷଧ ସେନ କିପରି କରାଯିବ ଓ କେଉଁ କେଉଁ ଔଷଧ ଦିଆଯିବ ତାହାର ବିବରଣୀ ପ୍ରଦାନ କରାଯାଇଥିଲା।

# ହୀରାକୁଦ ଜଳଭଣ୍ଡାର ଜଳସ୍ତର ୬୧୧.୪୧ ଫୁଟ୍

ସମ୍ବଲପୁର,୮।୮(ପ୍ରମୋଦ ବହିଦାର)

**୮ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ ଜାରି**



ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ କ୍ରମଶ ବୃଦ୍ଧି ପାଇବାରେ ଲାଗିଛି। ମାତ୍ର ଜଳ ନିଷ୍କାସନ ପରିମାଣରେ ସେଭଳି କୌଣସି ପରିବର୍ତ୍ତନ ହୋଇ ନାହିଁ। ବର୍ତ୍ତମାନ ମଧ୍ୟ ଜଳଭଣ୍ଡାରର ଡାହାଣ ପାର୍ଶ୍ୱର ୩ଟି ଓ ବାମପାର୍ଶ୍ୱର ୫ଟି ମିଶି ମୋଟ ୮ ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ତେବେ ନିଷ୍କାସନ ପରିମାଣଠାରୁ ଜଳଭଣ୍ଡାରକୁ ଅଧିକ ପରିମାଣର ବନ୍ୟାଜଳ ପ୍ରବେଶ କରୁଛି। ଫଳରେ ଜଳଭଣ୍ଡାରର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗୁରୁବାର ରାତି ସାଢ଼େ ୯ଟା ସୁଦ୍ଧା ହସ୍ତଗତ ହୋଇଥିବା ଶେଷ ସୂଚନା ଅନୁସାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୧.୪୧ ଫୁଟ୍‌କୁ ବୃଦ୍ଧି ପାଇଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୨ ଲକ୍ଷ ୫୩ ହଜାର ୭୯୮ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୫୭ ହଜାର ୫୦୨ ଘନଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୮ଟି ସ୍ଲୁଇସ୍ ଗେଟ୍ ମଧ୍ୟଦେଇ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୧୯ ହଜାର ୭୮୪ ଘନଫୁଟ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୩୪୯ ଘନଫୁଟ, ବରଗଡ଼ କେନାଲରେ ୧ ହଜାର ୫୩୦ ଘନଫୁଟ, ଶାସନ କେନାଲରେ ୫୦୦ ଘନଫୁଟ, ସମ୍ବଲପୁର କେନାଲରେ ୫୫ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ଓ ଶିଳ୍ପାନୁଷ୍ଠାନ ଗୁଡ଼ିକୁ ମିଶି ମୋଟ ୨୭୭ ଘନଫୁଟ ଜଳ ଯୋଗାଣ ହେଉଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଉପର ମୁଣ୍ଡରେ ୧୬.୬୯ ମିଲିମିଟର ଓ ତଳ ମୁଣ୍ଡରେ ୩.୩୯ ମିଲିମିଟର ବର୍ଷା ରେକର୍ଡ ହୋଇଛି।

# କାଉନସିଲ ବୈଠକରେ ଚଞ୍ଚକତା ପୂର୍ବକ ପ୍ରସ୍ତାବ ପାରିତ

ଦେବଗଡ଼,୮।୮(ଶଶାଙ୍କ ଶେଖର ଝାଙ୍କର)

■ **ଅଭିଯୋଗ କଲେ ଉପାଧ୍ୟକ୍ଷ, ଏମ୍‌ପିଙ୍କ ପ୍ରତିନିଧି**

■ **ଅଭିଯୋଗ ଖଣ୍ଡନ କଲେ ପୌର ପରିଷଦ ଅଧ୍ୟକ୍ଷା**

ଦେବଗଡ ପୌର ପରିଷଦ କାର୍ଯ୍ୟାଳୟରେ ବୁଧବାର ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇଙ୍କ ଅଧ୍ୟକ୍ଷତାରେ କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୌରାଞ୍ଚଳ ସଫେଇ କାର୍ଯ୍ୟର ଘରୋଇକରଣ, ସୁରତରଙ୍ଗିଣି ମାର୍କେଟର ନବୀକରଣ ଓ ସୌନ୍ଦର୍ଯ୍ୟକରଣ ଓ ପୂର୍ବରୁ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦିୟ ବକେୟା ଅର୍ଥ ପୈଠ, ବୁଲା ଗୋରୁ ନିୟନ୍ତ୍ରଣ ପାଇଁ କାଞ୍ଜିଆହୁଦା ବ୍ୟବସ୍ଥା ଓ ଯୁଦ୍ଧକାଳୀନ ଭିତିରେ ଦେବଗଡ ପୌରାଞ୍ଚଳର ଉନ୍ନତିକରଣ ନିମନ୍ତେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହ ଗତ ଜୁନ ୨୮ରେ ଅନୁଷ୍ଠିତ କାଉନସଲ ବୈଠକରେ ଆଗତ ପ୍ରସ୍ତାବଗୁଡିକୁ ଦୃଢକରଣ କରାଯାଇଥିଲା। ବୈଠକରେ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କ ସମେତ ପୌରାଞ୍ଚଳର ୧୦ଜଣ ପାରିଷଦ, ପୌର ପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଦେବଗଡ ବିଧାୟକଙ୍କ ପ୍ରତିନିଧି ମାନସ କୁମାର ପ୍ରଧାନ ଓ ପୌର ପରିଷଦ କାଉନସିଲ ବୈଠକ ନିମନ୍ତେ ନିଯୁକ୍ତ ସମ୍ବଲପୁର ଲୋକ ସଭା ସଦସ୍ୟଙ୍କ ପ୍ରତିନିଧି ସୁଧିର କୁମାର କପରଦାର ଉପସ୍ଥିତ ଥିଲେ। ତେବେ ଉକ୍ତ ବୈଠକରେ ଦୃଢିକରଣ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ପ୍ରସ୍ତାବକୁ ବିରୋଧ କରି ଉପାଧ୍ୟକ୍ଷ ଭୋଜ ଓ ଏମ୍‌ପିଙ୍କ ପ୍ରତିନିଧି କପରଦାର ଏହାର ବିରୋଧ କରିବା ସହ ରିଜୋଲ୍ୟୁସନ ରେଜିଷ୍ଟରେ ଦସ୍ତକ୍ଷତ କରି ନ ଥିଲେ। ଗୁରୁବାର ଉପାଧ୍ୟକ୍ଷ ଭୋଜ ଓ ଏମ୍‌ପିଙ୍କ ପ୍ରତିନିଧି କପରଦାର ଉଭୟେ ଏ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ, ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ଏହାର ନକଲ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଓ ସମ୍ବଲପୁର ଲୋକ ସଭା ସଦସ୍ୟ ତଥା ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ଦେବଗଡ ଜିଲାପାଳ ଓ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି। ଉଭୟେ ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ବୁଧବାର କାଉନସିଲ ବୈଠକରେ ଚଞ୍ଚକତା ପୂର୍ବକ ପ୍ରସ୍ତାବ ଗ୍ରହଣ କରି ଦୁର୍ନୀତିର ଘଣ୍ଟ ଘୋଡାବାକୁ ଉଦ୍ୟମ କରିଛନ୍ତି। ଗତ ଜୁନ ୨୮ରେ ଅନୁଷ୍ଠିତ କାଉନସିଲ ବୈଠକରେ ପୂର୍ବରୁ ହୋଇଥିବା ୫୩ଟି କାର୍ଯ୍ୟକୁ ଅନୁମୋଦନ ପାଇଁ ଉଦ୍ୟମ କରାଯାଇଥିଲା। ମାତ୍ର କାର୍ଯ୍ୟ ଶେଷ ହେବା ପରେ ପ୍ରସ୍ତାବ ଗୃହିତ ହେବା ତଥା ଏ ନେଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଥିବା ବେଳେ ପ୍ରସ୍ତାବ ଗ୍ରହଣ କରିବା ଆଇନ ସମ୍ମତ ନ ଥିବାରୁ ଏହାର ବିରୋଧ ହୋଇଥିଲା। ଫଳରେ ଏ ନେଇ ପ୍ରସ୍ତାବ ଲେଖା ଯାଇପାରି ନ ଥିଲା। ଉପରୋକ୍ତ ୫୩ଟି କାର୍ଯ୍ୟ ମଧ୍ୟରୁ ମାତ୍ର ୧୩ଟି କାର୍ଯ୍ୟ ନିମନ୍ତେ ପୂର୍ବରୁ କାଉନସିଲରେ ପ୍ରସ୍ତାବ ପାରିତ ହୋଇଥିବା ବେଳେ ଅନ୍ୟ ୪୦ଟି କାର୍ଯ୍ୟ ପାଇଁ କାଉନସିଲ ପ୍ରସ୍ତାବ ଗ୍ରହଣ କରି ନ ଥିଲା। ଏହା ସତ୍ତ୍ୱେ ଚଞ୍ଚକତା ପୂର୍ବକ ସଂଖ୍ୟାଧିକ କାଉନସିଲରଙ୍କ ସମର୍ଥନରେ ପ୍ରସ୍ତାବ ଗୃହିତ ହୋଇଥିବା ଉଲ୍ଲେଖ କରାଯାଇ ବୁଧବାର ବୈଠକରେ ସେଗୁଡିକୁ ଦୃଢିକରଣ କରାଯାଇଛି। ଏଣୁ ଓଡିଶା ମ୍ୟୁନିସିପାଲ ଆକ୍ଟ-୧୯୫୦ର ସେକ୍ସନ ୩୯୮ ଅନୁଯାୟୀ ଉକ୍ତ ପ୍ରସ୍ତାବ (ପ୍ରସ୍ତାବ ନଂ.୩)କୁ ଖାରଜ କରିବାକୁ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ପୌର ପରିଷଦ ଅଧ୍ୟକ୍ଷା ଦେଇଙ୍କ ମତାମତ ଲୋଡିବାରୁ କାଉନସିଲରଙ୍କ ସହମତିରେ ଆଇନ ସମ୍ମତ ଭାବେ ସମସ୍ତ ପ୍ରସ୍ତାବ ଗୃହିତ ହୋଇଛି ଓ କୌଣସି ଅନିୟମିତତା ହୋଇନାହିଁ ବୋଲି କହିଛନ୍ତି। ଏଥିସହ ଅନେକ କାଉନସିଲର ମଧ୍ୟ ସେମାନଙ୍କ ସ୍ୱରରେ ସ୍ୱର ମିଳାଇଛନ୍ତି।

